୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.103 Bhubaneswar Saturday May 31 2025 | ୨୭ତମ ବର୍ଷ ସଂଖ୍ୟା–୧୦୩ ଭୁବନେଶ୍ୱର, ଶନିବାର, ମଇ ୩୧, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଓଡିଆ ଅସ୍ମିତା: କ୍ୟାବିନେଟ୍ ନିଷ୍ପତ୍ତିର ୧୦ମାସ ପରେ ଗଢ଼ିଲେ କମିଟି, କାର୍ଯ୍ୟକାରିତା କେବେ



ଭୁବନେଶ୍ୱର,୩୦।୫(ପି.ଏନ): ସାଧାରଣ ନିର୍ବାଚନରେ 'ଓଡିଆ ଅସ୍ମିତା'କୁ ମୁଖ୍ୟ ଅସ୍ତ୍ର କରି ଅପ୍ରତ୍ୟାଶିତ ଢଙ୍ଗରେ ଆଶାତୀତ ସଫଳତା ପାଇଥିବା ବିଜେପି ସରକାର ନିଜର ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛନ୍ତି । ରାଜ୍ୟରେ କ୍ଷମତାକୁ ଆସିବାର ମାତ୍ର ଏକମାସ ନପୁରୁଣୁ କ୍ୟାବିନେଟ୍ ବୈଠକରେ 'ଓଡିଆ ଅସ୍ମିତା' ପାଇଁ ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିବାକୁ ମଧ ନୀତିଗତ ନିଷ୍ପତ୍ତି ନେଲେ । କିନ୍ତୁ ଏହି ପାଣ୍ଠି ଗଠନ ତ ଦୂରର କଥା ଉକ୍ତ କ୍ୟାବିନେଟ୍ ନିଷ୍ପତ୍ତିକୁ ପ୍ରାୟ ୧୦ମାସ ପକାଇ ରଖିବା ପରେ ଏବେ ଏନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଓଡିଆ ଅସ୍ମିତା କର୍ପସ ପାଣ୍ଠି ପରିଚାଳନା ନିମନ୍ତେ ବୁଧବାର ରାଜ୍ୟ ସରକାର ଏକ ପର୍ସନାଲ ଲେଜର(ପିଏଲ) ଆକାଉଣ୍ଟ ଖୋଲିବା ସହ ଏହି ପାଣ୍ଠି ପରିଚାଳନା ଓ ଉପଯୋଗ ନିମନ୍ତେ ଏକ କମିଟି ଗଠନ କରିଛନ୍ତି । ତେବେ ୨୦୨୪ ଜୁଲାଇ ୧୦ରେ କ୍ୟାବିନେଟ୍ ନିଷ୍ପତ୍ତି ଓ ଜୁଲାଇ ୨୫ରେ ବିଧାନସଭାରେ ଉପସ୍ଥାପିତ ୨୦୨୪-୨୫ ଆର୍ଥିକବର୍ଷର ପୂର୍ଣ୍ଣାଙ୍ଗ ବଜେଟରେ ଏହି କର୍ପସ ପାଣ୍ଠି ଗଠନ ନିମନ୍ତେ ୨୦୦କୋଟି ଟଙ୍କାର ଅର୍ଥ ବରାଦ ସତ୍ତ୍ୱେ ରାଜ୍ୟ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ କାହିଁକି ୧୦ମାସ ଚୁପ୍ ବସିଥିଲା ତାକୁ ନେଇ ପ୍ରଶ୍ନ ଉଠିଛି ।

**ଓଡିଆ ଅସ୍ମିତା କର୍ପସ ପାଣ୍ଠି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ**

ରାଜ୍ୟ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ମେ' ୨୮ତାରିଖରେ ଏକ ବିଜ୍ଞପ୍ତି ଜାରି କରି ଓଡିଆ ଅସ୍ମିତା କର୍ପସ ପାଣ୍ଠି ନିମନ୍ତେ ଅର୍ଥ ବିଭାଗ ଓ ଏଜିଙ୍କ ଅନୁମୋଦନରେ ପିଏଲ୍ ଆକାଉଣ୍ଟ ଖୋଲିଥିବା ନେଇ ସୂଚନା ଦେଇଛି । ଏହି କର୍ପସ ପାଣ୍ଠିର ପରିଚାଳନା ଓ ଉପଯୋଗ ପାଇଁ କମିଟି ଗଠନ ସହ ଏହା କେଉଁ ଲକ୍ଷ୍ୟ ନେଇ କାର୍ଯ୍ୟ କରିବ ତାହା ମଧ ବିଜ୍ଞପ୍ତିରେ ଦର୍ଶାଇଛନ୍ତି । ଓଡିଆ ଅସ୍ମିତାକୁ ଉଜ୍ଜୀବିତ କରିବା ଓ ରାଜ୍ୟର କଳା,ସ୍ଥାପତ୍ୟ,ସଂସ୍କୃତି ଓ ଐତିହ୍ୟର ବିକାଶ ସରକାରଙ୍କ ପ୍ରାଥମିକତା ବୋଲି ବିଭାଗ କହିଛି । ଓଡିଆ ଅସ୍ମିତା ଫଣ୍ଡ ମ୍ୟାନେଜମେଂଟ କମିଟିର ଅଧକ୍ଷଙ୍କ ନାଁରେ ପିଏଲ ଆକାଉଣ୍ଟ ଖୋଲାଯିବ । ଏହି କର୍ପସ ପାଣ୍ଠି ପରିଚାଳନା ଓ ଉପଯୋଗ ପାଇଁ ବିଭାଗର ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ଫଣ୍ଡ ମ୍ୟାନେଜମେଂଟ କମିଟି ଗଠନ କରାଯାଇଛି । ଏହି କମିଟି ସଦସ୍ୟ ସଚିବ ଭାବେ ବିଭାଗର ଅତିରିକ୍ତ ସଚିବ ଅବା ସ୍ୱତନ୍ତ୍ର ସଚିବ କାର୍ଯ୍ୟ କରିବେ । କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ, ଆଇନ, ସୂଚନା ଓ ଲୋକସମ୍ପର୍କ ଏବଂ ଅନୁସୂଚିତ ଜାତି-ଜନଜାତି ବିଭାଗର ପ୍ରତିନିଧିମାନେ ମଧ ସଦସ୍ୟ ରହିବେ । କମିଟି କର୍ପସ ପାଣ୍ଠିର ଆର୍ଥିକ ବଂଟନକୁ ଅନୁମୋଦନ କରିବା ସହ ସୁଧର ଉଚିତ୍ ବ୍ୟବହାର, ବୈଧାନିକ ଅଡିଟ୍ ଓ ଆବଶ୍ୟକତାକୁ ପାଳନ କରିବ । ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କ ଦ୍ୱାରା ଘୋଷିତ ହାରରେ ସୁଧ ପିଏଲ୍ ଆକାଉଣ୍ଟରେ ପ୍ରତି ତିନିମାସରେ ଥରେ ୧୦ତାରିଖରେ ଡିପୋଜିଟ୍ କରିବେ । ୨୦୦ କୋଟି ଟଙ୍କାର ମୂଳ କର୍ପସ ରାଶି ଡିପୋଜିଟ ଆକାଉଂଟରେ ସେଭଳି ରହିବ ଓ କେବଳ ଅର୍ଜିତ ସୁଧ ପିଏଲ ଆକାଉଣ୍ଟରେ ଜମା ହେବ । ତେବେ ଏହି ପିଏଲ୍ ଆକାଉଣ୍ଟରେ ପ୍ରଥମଥର ପାଇଁ ସୁଧ କେବେ ଆସିବ ଓ ଜମା ହେବ ତାହା ଜଣାପଡିନି ।

**କ୍ୟାବିନେଟ୍ ନିଷ୍ପତ୍ତି ଓ କର୍ପସ ପାଣ୍ଠି ଗଠନର ଲକ୍ଷ୍ୟ**

୨୦୨୪ ଜୁନ୍ ୧୨ତାରିଖରେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୦୨୪ ଜୁଲାଇ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡିଆ ଅସ୍ମିତା ପାଇଁ ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନିଆଗଲା । ଏହି କର୍ପସ ପାଣ୍ଠି ମାଧ୍ୟମରେ ରାଜ୍ୟରେ ପ୍ରାୟ ୧୦ଟି ଦିଗରେ ଅର୍ଥ ଖର୍ଚ୍ଚ କରି ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ଲକ୍ଷ୍ୟ ରଖାଗଲା । ବିଶେଷକରି ଓଡିଆ ଅସ୍ମିତା ଭବନ ନିର୍ମାଣ, ଓଡିଆ ଅନୁବାଦ ଏକାଡେମୀ ସ୍ଥାପନ, ବିଶ୍ୱସ୍ତରୀୟ ତାଳପତ୍ର ପାଣ୍ଡୁଲିପି ସଂଗ୍ରହାଳୟ ନିର୍ମାଣ, ପାଇକବିଦ୍ରୋହ ସ୍ମାରକୀର ଉନ୍ନତିକରଣ, ବାଲିଯାତ୍ରାକୁ ଆନ୍ତର୍ଜାତିକ ମାନ୍ୟତା ପାଇଁ ପ୍ରୟାସ, କଳାକାର ଗୌରବ ନିଧି ଯୋଜନା, ଓଡିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ, ଜିଲ୍ଲାସ୍ତରୀୟ ଇ-ଲାଇବ୍ରେରୀ ସ୍ଥାପନ, ଜାତୀୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା, ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥାର ଉନ୍ନତିକରଣ ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲେ । କ୍ୟାବିନେଟର ଏହି ନିଷ୍ପତ୍ତିର ପ୍ରାୟ ୧୫ଦିନ ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆଗତ କରିଥିବା ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ୨୦୦କୋଟି ଟଙ୍କାର ଓଡିଆ ଅସ୍ମିତା କର୍ପସ ପାଣ୍ଠି ନିମନ୍ତେ ଅର୍ଥବରାଦ କରାଗଲା । କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି କର୍ପସ ପାଣ୍ଠି ଗଠନ ହୋଇପାରିଲା ନାହିଁ।

**ବିଭାଗର ଆନ୍ତରିକତାର ଅଭାବ**

ଓଡିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ତଥା ନିର୍ବାଚନୀ ପ୍ରତିଶ୍ରୁତି ଅନୁରୂପ ମୋହନ ମାଝୀଙ୍କ ସରକାର ୨୦୨୪ ଜୁନ୍ ୧୨ତାରିଖରେ କ୍ଷମତାକୁ ଆସିବାର ମାତ୍ର ମାସକ ମଧ୍ୟରେ ୨୦୨୪ ଜୁଲାଇ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡିଆ ଅସ୍ମିତା ପାଇଁ ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ନିମନ୍ତେ ନିଷ୍ପତ୍ତି ନେଲେ । ଏହି ନିଷ୍ପତ୍ତିର ୧୫ଦିନ ପରେ ବାର୍ଷିକ ବଜେଟରେ ମଧ ଅର୍ଥବରାଦ କଲେ । କିନ୍ତୁ ବିଜେପିର ନିର୍ବାଚନୀ ଜିତିବାର ଅମୋଘ ଅସ୍ତ୍ର 'ଓଡିଆ ଅସ୍ମିତା' ନିମନ୍ତେ କ୍ୟାବିନେଟ୍ ୧୦ମାସ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭାଗ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ପାରିଲା ନାହିଁ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କେଉଁ ଅଦୃଶ୍ୟ କାରଣରୁ ଶାସନକଳରେ ଓଡିଆ ଭାଷାର ବ୍ୟାପକ ଉପଯୋଗିତାକୁ ସୁନିଶ୍ଚିତ କରାଯାଉ ନାହିଁ କିମ୍ବା ଓଡିଆ ଭାଷାକୁ ନେଇ ତୃଣମୂଳସ୍ତରରୁ ଜନଜାଗରଣ ସୃଷ୍ଟି ପାଇଁ ଉଦ୍ୟମ ହେଉନାହିଁ ତାହାବି ଅସ୍ପଷ୍ଟ ।

**କିଏ କ'ଣ କହିଲେ...**

ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର କହିଛନ୍ତି ଯେ " ଅସ୍ମିତାର ଅର୍ଥ ହେଲା ପରିଚୟ । ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି କ'ଣ, ୫୦୦ କି ୨ହଜାର କୋଟି ଟଙ୍କା ଖର୍ଚ୍ଚ କଲେବି 'ଓଡିଆ ଅସ୍ମିତା' ସମ୍ଭବପର ନୁହେଁ । କ୍ୟାବିନେଟ୍ ଯେଉଁ ୧୦ଟି ଦିଗ ଉପରେ ଗୁରୁତ୍ୱ ଦେଇଛି ସେଥିରେ ବି ଓଡିଆଙ୍କ ପରିଚୟ ବ?ଯିବନି । ଜଣେ ସାଧାରଣ ଓଡିଆ ଯେପର୍ଯ୍ୟନ୍ତ ନିଜର ପରିଚୟକୁ ନେଇ ଗର୍ବ ଅନୁଭବ କରିନି କିମ୍ବା ନିଜକୁ ଗର୍ବିତ ହେବାର ସୁଯୋଗ ଖୋଜିନି ସେପର୍ଯ୍ୟନ୍ତ ଓଡିଆ ଅସ୍ମିତାର ମାନେ କିଛି ନାହିଁ । ସାଧାରଣ ନିର୍ବାଚନବେଳେ ଭିକେ ପାଣ୍ଡିଆନଙ୍କ ଅଣଓଡିଆ ପ୍ରସଙ୍ଗରୁ ବିଜେପିକୁ 'ଓଡିଆ ଅସ୍ମିତା'ର ପ୍ରସଙ୍ଗ ମିଳିଲା । ଏଥିରେ ବିଜେପିର କିଛି ବାହାଦୂରୀ ନାହିଁ । ଜଣେ ଅଣଓଡିଆ ବ୍ୟକ୍ତି ଚକ୍ରାନ୍ତ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଯିବ କିମ୍ବା ତାଙ୍କୁ ରାଜ୍ୟବାସୀଙ୍କ ଉପରେ ଲଦିଦିଆଯିବ ବୋଲି ସାଧାରଣ ଓଡିଆ ଆଶଙ୍କା କଲେ,ତେଣୁ ସେମାନେ ବିଜେଡି ପରିବର୍ତ୍ତ ? ବିଜେପିକୁ ଭୋଟ୍ ଦେଲେ । ଆଉ ବିଜେପି ସରକାର ବର୍ଷ ? ଚୁପ୍ ବସିଲେ ଏବେ ତାଙ୍କର ମନେପଡିଲା ଓଡିଆ ଅସ୍ମିତା । ଯଦି ସରକାର ବାସ୍ତବରେ ଓଡିଆ ଅସ୍ମିତାକୁ ନେଇ ସମ୍ବେଦନଶୀଳ ଅଛନ୍ତି ତା'ହେଲେ ପ୍ରଥମେ ସମସ୍ତପ୍ରକାରର ସରକାରୀ କାର୍ଯ୍ୟକୁ ଓଡିଆ ଭାଷାରେ ସୁନିଶ୍ଚିତ କରାନ୍ତୁ । ଅନ୍ୟ ଜାତୀୟ ଭାଷାର ଗୁରୁତ୍ୱ ରହୁ କିନ୍ତୁ ଶାସନ କଳ ଓଡିଆ ଭାଷାରେ ଚାଲିଲେ ହିଁ ଜଣେ ଓଡିଆ ନିଜକୁ ଗର୍ବ ଅନୁଭବ କରିପାରିବ ।

ସେହିପରି ଓଡିଶା ସୂଚନା ଅଧିକାର ଅଭିଯାନର ମୁଖ୍ୟ ପ୍ରଦୀପ ପ୍ରଧାନ କହିଛନ୍ତି ଯେ " ପୂର୍ବ ବିଜେଡି ସରକାର ଅମଳରେ ରାଜ୍ୟର ଖଣି, ଠିକାଦାରୀ, ବ୍ୟବସାୟ ଓ ଶାସନ ବ୍ୟବସ୍ଥା ଅଣଓଡିଆଙ୍କ ହାତକୁ ପଳାଇଥିଲା ଓ ଓଡିଆ ଲୋକମାନେ ନିଜ ରାଜ୍ୟରେ ନିଜକୁ ହତାଦାର ଅନୁଭବ କଲେ । ଆଉ ଏହାର ପ୍ରତିବାଦ କରି ସେତେବେଳେ ରାଜ୍ୟର ସିଭିଲ ସୋସାଇଟି ଦ୍ୱାରା ପ୍ରଥମେ 'ଓଡିଆ ଅସ୍ମିତା'କୁ ପ୍ରସଙ୍ଗ କରାଯାଇଥିଲା । ଯାହାକୁ ବିଜେପି ପରବର୍ତ୍ତୀ ସମୟରେ ନିଜର ରାଜନୀତିକ ପ୍ରସଙ୍ଗ କଲା । ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବାର ବର୍ଷ ? ହୋଇଗଲାଣି । କିନ୍ତୁ ଏପର୍ଯ୍ୟନ୍ତ ଆମର ଖଣି ଓ ଅନ୍ୟାନ୍ୟ ବ୍ୟବସାୟଠୁ ଆରମ୍ଭ କରି ମେଗା ପ୍ରକଳ୍ପର ଠିକାଦାରୀରେ ଓଡିଆ ଲୋକଙ୍କୁ ଗୁରୁତ୍ୱ ମିଳିପାରିନି । ପରିସ୍ଥିତିରେ ସେଭଳି କିଛି ବି ପରିବର୍ତ୍ତନ ଆସିନି ।ଏବେବି ପ୍ରଭାକରନ ପାଖରେ ରାଜ୍ୟର ଖଣିଖାଦାନ ରହିଛି । ସରକାର ଯଦି ବାସ୍ତବରେ ଓଡିଆ ଅସ୍ମିତାର ମୂଳଲକ୍ଷ୍ୟକୁ ହାସଲ କରିବାକୁ ଚାହୁଁଛନ୍ତି ତା'ହେଲେ ପ୍ରଥମେ ଓଡିଆଙ୍କୁ ନିଜର ଖଣି, ପାଣି,ଠିକାଦାରୀ ଓ ବ୍ୟବସାୟରେ ଅଗ୍ରାଧିକାର ଦେବା କାର୍ଯ୍ୟ ଆରମ୍ଭ କରନ୍ତୁ ।"

## ବିଜେଡି ସାଜିଛି ଲୋକଙ୍କ ସ୍ୱର ; ବିଧାନସଭା ବାହାରେ ଓ ଭିତରେ ତୁଲାଉଛି ସଶକ୍ତ ବିରୋଧୀ ଦଳର ଭୂମିକା



ଭୁବନେଶ୍ୱର,୩୦।୫(ପି.ଏନ): ବିଜେଡି ସାଜିଛି ଲୋକଙ୍କ ସ୍ୱର । ରାଜ୍ୟ ସ୍ୱାର୍ଥ ପାଇଁ ଜାରି ରଖିଛି ଲଢେଇ । ବିଧାନସଭା ଭିତରେ ଓ ବାହାରେ ଗଠନମୂଳକ ବିରୋଧୀ ଦଳର ତୁଲାଉଛି ଭୂମିକା । ମହାନଦୀ, ପୋଲାଭରମ, କୋଟିଆ ପରି ରାଜ୍ୟ ସ୍ୱାର୍ଥ ପାଇଁ ଜୋରଦାର କରିଛି ଲଢେଇ । କ୍ଷମତା ଥିଲା ବେଳେ ଯେମିତି ସ୍ୱର ଉଠାଇଥିଲା ବିରୋଧୀ ଦଳରେ ଥାଇ ମଧ ସେମିତି ସ୍ୱରକୁ ଶାଣିତ କରିଛି । ହେଲେ କେନ୍ଦ୍ର ସରକାର ସବୁବେଳେ ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରିଆସୁଛନ୍ତି ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ୨୪ ବର୍ଷ ପରେ ଓଡିଶା ଶାସନର ପଟ୍ଟ ପରିବର୍ତ୍ତନ ହୋଇଛି । ହେଲେ ବିଜେଡିର ରାଜନୈତିକ ସଂକଳ୍ପ ଯେମିତି ଥିଲା ସେମିତି ଅଛି । ଆଗକୁ ଦଳ ରାଜ୍ୟ ସ୍ୱାର୍ଥ ହାସଲ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଗଠନମୂଳକ ଦାବି ଦୋହରାଇବ ।ସଶକ୍ତ ବିରୋଧୀ ଦଳ ଭାବେ ଦଳ ଦାୟିତ୍ୱ ତୁଲାଇବା ସହ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ମଜଭୁତ କରିବାକୁ ଫୋକସ କରିଛନ୍ତି ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିକଟରେ ବିଜେଡି ସଂଗଠନର ନବକଳେବର କରିବା ସହ ବିଧାୟକ ଓ ଦଳର ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି ନବୀନ। ତୃଣମୂଳସ୍ତରରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ଲୋକଙ୍କ ସମସ୍ୟା ଦୂର କରିବାକୁ ବିଧାୟକମାନଙ୍କୁ ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି ।ନବମ ଥର ନବୀନ ବିଜେଡି ସଭାପତି ହେବା ପରେ ସଂଗଠନକୁ ତୃଣମଳସ୍ତରେ ଅଧିକ ଶକ୍ତିଶାଳୀ କରିବା ସହ ସଶକ୍ତ ବିରୋଧୀ ଦଳ ଭାବେ ଓଡିଶାବାସୀଙ୍କ ସ୍ୱର ସାଜିଛି ବିଜେଡି । ଆଗକୁ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଦଳ ଏବେଠାରୁ ଗ୍ରାଉଣ୍ଡ ୱାର୍କ ଆରମ୍ଭ କରିଛି । ୨୦୨୪ ନର୍ବାଚନରେ ଶାସକ ବିଜେପି ଠାରୁ ବିଜେଡି ଭୋଟ ଅଧିକ ପାଇଥିବାରୁ ଦଳ ବିରୋଧୀ ଦଳ ଗୁରୁଦାୟିତ୍ୱ ତୁଲାଉଛି ।

## ମହିଳା କର୍ମଚାରୀଙ୍କୁ ମିଳିବ ୧୮୦ ଦିନର ମାତୃତ୍ୱ ଛୁଟି ; ରାଜ୍ୟ ଅର୍ଥବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୩୦।୫(ପି.ଏନ): ରାଜ୍ୟ ସରକାରୀ ମହିଳା କର୍ମଚାରୀଙ୍କୁ ମିଳିବ ୧୮୦ ଦିନର ମାତୃତ୍ୱ ଛୁଟି । ଏନେଇ ଆଜି ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସର୍ତ୍ତାବଳୀ ମାର୍ଗଦର୍ଶିକା ଜାରି କରାଯାଇଛି । ମାତୃତ୍ୱ ଛୁଟି ପାଇବାକୁ ହେଲେ ଜଣେ ମହିଳା ସରକାରୀ କର୍ମଚାରୀଙ୍କର ଦୁଇଟି ପିଲାରୁ ଅଧିକ ନଥିବେ । ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ମହିଳା କର୍ମଚାରୀ ଏହି ଛୁଟି ପାଇପାରିବେ । ଶିଶୁ ଜନ୍ମ ସମୟରେ କର୍ମଚାରୀ ଜଣଙ୍କ ଯଦି ସରକାରୀ ସେବାରେ ନଥିବେ ତାହେଲେ ତାଙ୍କ ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ମିଳିବ । ଏହି କ୍ଷେତ୍ରରେ ମାତୃତ୍ୱ ଛୁଟିର ଅବଧି ୧୮୦ ଦିନରୁ କମ ରହିବ । ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ ହୁଏ କିମ୍ବା ଜନ୍ମର ୨୮ ଦିନ ମଧ୍ୟରେ ଶିଶୁଟି ମରିଯାଏ ତାହେଲେ ଦୁର୍ଘଟଣା ହେବା ଦିନ ଠାରୁ ୪୨ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟିର ଅବଧି ରହିବ ।ସେହିପରି ଶିଶୁମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ଘଟିଲେ ସଂପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କୁ ମାତ୍ର ୧୪ ଦିନ ପର୍ଯ୍ୟନ୍ତ ମିଳିବ ଛୁଟି । ପ୍ରଥମ ସନ୍ତାନ ପାଇଁ ଯେତେଥର ମାତୃତ୍ୱ ଛୁଟି ନେଇଥିଲେ ବି ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ମାତୃତ୍ୱ ଛୁଟି ନେଇପାରିବେ । ମାତୃତ୍ୱ ଛୁଟିରେ ଥିବା ମହିଳା କର୍ମଚାରୀଙ୍କର ପଦୋନ୍ନତି ହେଲେ ସଂପୃକ୍ତ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇବେ । ଏହି ଛୁଟି ମହିଳା କର୍ମଚାରୀ ଏକକାଳୀନ କିମ୍ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ । ମାତୃତ୍ୱ ଛୁଟି ପାଇବା ପାଇଁ ହେଲେ ଶିଶୁ ପ୍ରସବ ସରକାରୀ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ କରାଯିବା ଆବଶ୍ୟକ ।

## ମୌସୁମୀ ଛୁଇଁଲେ ଚେତା ପଶୁଛି; ଡେଡଲାଇନରେ ଅଟକିଛି ଡ୍ରେନେଜ ସମସ୍ୟା

ଭୁବନେଶ୍ୱର,୩୦।୫(ପି.ଏନ): ମୌସୁମୀ ଛୁଇଁଲେ ଚେତା ପଶୁଛି । ଡେଡଲାଇନରେ ଅଟକିଛି ଡ୍ରେନେଜ ସମସ୍ୟା । ତାଳିପକା କାମରେ ବିଏମସି। ଯୁଆଡେ ଦେଖିବ ଡ୍ରେନ ଜାମ୍ ଓ ମୁକୁଳା ଡ୍ରେନ । ମୌସୁମୀ ରାଜଧାନୀ ଭୁବନେଶ୍ୱରର କବାଟ ଠକ ଠକ କରିବା ବେଳେ ଡ୍ରେନେଜ୍ ସମସ୍ୟାର କରାଯାଉଛି ସମୀକ୍ଷା । ଗତକାଲି ମୁଖ୍ୟମନ୍ତ୍ରୀ, ଆଜି ନଗର ଉନ୍ନୟନ ମନ୍ତ୍ରୀ ସମୀକ୍ଷା କରିଛନ୍ତି । ଚଳିତ ବର୍ଷ ମୌସୁମୀ ଶୀଘ୍ର ଓଡିଶା ଛୁଇଁବ। ଅଧିକ ବର୍ଷା ହେବାର ଆକଳନ ହୋଇଛି। ଜୁନ ୨୦ ସୁଦ୍ଧା କଟକ ଓ ଭୁବନେଶ୍ୱରରେ ଡ୍ରେନେଜ୍ କାମ ସାରିବାକୁ ଡେଡଲାଇନ ଦେଇଛନ୍ତି ମନ୍ତ୍ରୀ। କଟକ ଓ ଭୁବନେଶ୍ୱରର ସବୁ ନାଳ ଓ ଡ୍ରେନେଜ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠି ଡ୍ରେନେଜ୍ କଭର ନାହିଁ, କଭର କରାଯିବ। ତେବେ ଡ୍ରେନେଜ ନିର୍ମାଣ କାର୍ଯ୍ୟ କେତେ ଅଗ୍ରଗତି ହୋଇଛି, ତାହା ଜାଣିବାକୁ ଜୁନ ୧ରେ ନିଜେ ମଧ ଫିଲ୍ଡ ଭିଜିଟ କରିବେ ମନ୍ତ୍ରୀ। ସେହିପରି ସମ୍ ହସପିଟାଲ ପାଖରେ ସବୁବେଳେ ଦେଖାଯାଉଥିବା ୱାଟର ଲଗିଙ୍ଗ ସମସ୍ୟାର ସମାଧାନ ପାଇଁ ମଧ ପଦକ୍ଷେପ ନିଆଯାଇଛି ।

ସେପଟେ ବିଜେପି ସରକାରକୁ ବର୍ଷ ? ପୂରିବ। ପୂର୍ବରୁ ଜଳବନ୍ଦୀ ସମସ୍ୟାକୁ ନଇ ତୁମ୍ବିତୋଫାନ କରୁଥିଲା ବିଜେପି । ହେଲେ ଏବେ ସରକାରଙ୍କୁ ଇସ୍କନ ରାସ୍ତାରେ ପାଣି ଜମିବା ସମସ୍ୟା ମନେପଡୁଛି । ଘଏାଇଓର ରାସ୍ତା ଥିବାରୁ ବିଳମ୍ବ ହେଉଛି ସ୍ଥାୟୀ ସମାଧାନ । ପ୍ରଥମେ ଇସ୍କନ ସର୍ଭିସ୍ ଡ୍ରେନ କାମ ତୁରନ୍ତ ସାରିବାକୁ କୁହାଯାଇଛି । ଉଚଜ ପ୍ରସ୍ତୁତ ହୋଇଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ଏନେଇ ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ । ସେପଟେ ଆଜି ଥିଲା ଭୁବନେଶ୍ୱର ମହାନଗର ନିଗମର ୩୧ତମ ସାଧାରଣ ପରିଷଦ ବୈଠକ। ଆରମ୍ଭରୁ ହିଁ ଡ୍ରେନ, ସଫେଇ, ରାସ୍ତାରେ ନାଳ ପାଣି ଭାସିବା ଓ ମୁକୁଳା ଡ୍ରେନ ଉପରେ ଆଲୋଚନା ହୋଇଥିଲା। ଭୁବନେଶ୍ୱରରେ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ଓ ୩୬୦ କିଲୋମିଟର ପୂର୍ତ୍ତ ବିଭାଗ ଡ୍ରେନ୍ କିପରି ସଫା ହେବ ତାକୁ ନେଇ ପ୍ରଶ୍ନ ଉଠିଛି । ବର୍ଷା ହେଲେ ସହର ବୁଡ଼ିବା ଥୟ। ତଳିଆ ଅଞ୍ଚଳରେ ପାଣି ଜମିବା ପରିସ୍ଥିତି ଉପୁଜିବ । ଗତ ବର୍ଷ ମୁକୁଳା ଡ୍ରେନରେ ପଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଥିଲା । ଏବେବି ୨୨ କିମି ମୁକୁଳା ଡ୍ରେନର ସ୍ଲାବ ପଡ଼ିଲା ନାହିଁ।

## ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ



ଭୁବନେଶ୍ୱର,୩୦।୫(ପି.ଏନ): ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ। ଆଜି ଭୁବନେଶ୍ୱର ଉଇଓ କୋର୍ଟରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଜୁନ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଲାଞ୍ଚ ନେବା ଅଭିଯୋଗରେ ଗିରଫ ହେଲେ ଇଡି ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ । ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନପାରିବାରୁ ଗିରଫ କଲା ସିବିଆଇ । ରାତି ତମାମ ଝାଳବୁହା ଜେରା କରିଥିଲା ସିବିଆଇ । ଚିନ୍ତନ ରଘୁବଂଶୀ ଓ ଜଣେ ମିଡିଲ ମ୍ୟାନଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା । ଲାଞ୍ଚ ନେବା ବେଳେ ଇଡି ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଗତକାଲି ସିବିଆଇ ହାତରେ ଧରାପଡିଥିଲେ । ଚିନ୍ତନ ରଘୁବଂଶୀ ଓ ମିଡିଲମ୍ୟାନ ଭକ୍ତି ବେହେରା ଗତକାଲି ଖଣି ବ୍ୟବସାୟୀ ରୋହିତ ରଞ୍ଜନ ରାଉତଙ୍କ କେସ ରଫାଦଫା କରିବା ପାଇଁ ପ୍ରଥମେ ୫ କୋଟି ଟଙ୍କା ଲାଞ୍ଚ ମାଗିଥିଲେ । କିନ୍ତୁ ଏତେ ପରିମାଣର ଟଙ୍କା ସେ ଦେଇପାରିବେ ନାହିଁ ବୋଲି କହିବା ପରେ ୨ କୋଟି ଟଙ୍କା ଦେବାକୁ ଫାଇନାଲ୍ କରାଇଥିଲେ ନିଜେ ଚିନ୍ତନ ରଘୁବଂଶୀ ।ଏନେଇ ନିଜ ଏତଲାରେ ସିବିଆଇରେ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ରୋହିତ । ପରେ ୫୦ ଲକ୍ଷ ଟଙ୍କା ଅଗ୍ରୀମ ନେଉଥିବା ବେଳେ ପଟିଆ ସ୍ଥିତ ଆପାର୍ଟମେଣ୍ଟରୁ ଲାଞ୍ଚଖୋର ବାବୁଙ୍କୁ ଧରିଥିଲା ସିବିଆଇ । ଢେଙ୍କାନାଳ ଅଞ୍ଚଳର ଖଣି ବ୍ୟବସାୟୀ ରୋହିତ ଏ ନେଇ ସିବିଆଇକୁ ସୂଚନା ଦେଇଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଚଢ଼ାଉ କରାଯାଇଥିଲା । ଗତ ଜାନୁଆରୀ ୮ ତାରିଖରେ ଖଣି ଦୁର୍ନୀତିକୁ କେନ୍ଦ୍ର କରି ରାଜ୍ୟରେ ଏକାଧିକ ସ୍ଥାନରେ ରେଡ ହୋଇଥିଲା । ସେହି ମାମଲାକୁ ଚାପିବା ପାଇଁ ୫ କୋଟି ଟଙ୍କାର ଡିଲ ହୋଇଥିଲା । ତା ଠାରୁ ମିଳିଥିବା ଆଉଟପୁଟ ଆଧାରରେ ଇଡି ଡେପୁଟି ଡାଇରେକ୍ଟରଙ୍କୁ କାବୁ କରିଥିଲା। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରିଭେନ୍ସନ ଅଫ କରପସନ ଆକ୍ଟ ୧୯୮୮ରେ ଇଡିର ଏହି ଡେପୁଟି ଡାଇରେକ୍ଟରଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଚାକିରି ସରିବାର ଗୋଟିଏ ଦିନ ପୂର୍ବରୁ ଭିଜିଲାନ୍ସ ଜାଲରେ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର,୩୦।୫(ପି.ଏନ): ଆସନ୍ତାକାଲି ଚାକିରିରୁ ଅବସର ନେଇଥା'ନ୍ତେ। ଆଜି ଚଢ଼ାଉ କଲା ଭିଜିଲାନ୍ସ। ଭିଜିଲାନ୍ସ ଅଧିକାରୀମାନଙ୍କୁ ଦେଖି ଝରକା ଦେଇ ଫିଙ୍ଗି ଦେଲେ ବିଡା ବିଡା ଟଙ୍କା। ହେଲେ କିଛି ଲାଭ ହେଲା ନାହିଁ। ଭିଜିଲାନ୍ସ ସବୁ ନଗଦ ଟଙ୍କା ଜବତ କଲା ଓ ଅନ୍ୟାନ୍ୟ ସଂପତ୍ତି ଠାବ କଲା। ଆଜି ଭିଜିଲାନ୍ସ ଜାଲରେ ପଡିଥିବା ଏହି ସରକାରୀ ଚାକିରିଆଙ୍କ ନାଁ ବୈକୁଣ୍ଠନାଥ ଷଡଙ୍ଗୀ। ଭୁବନେଶ୍ୱରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୁଖ୍ୟଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ସେ। ବୈକୁଣ୍ଠନାଥ ଷଡଙ୍ଗୀଙ୍କର ଚାକିରି ଆସନ୍ତାକାଲି ଶେଷ ହେଉଥିବା ବେଳେ ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ତାଙ୍କର ଭୁବନେଶ୍ୱର ସ୍ଥିତ ଫ୍ଲାଟ୍ ? ସମେତ ମୋଟ ୭ଟି ସ୍ଥାନରେ ଚଢ଼ାଉ କରିଛି। ଭୁବନେଶ୍ୱରର ଡୁମଡୁମା ସ୍ଥିତ ଫ୍ଲାଟରେ ଭିଜିଲାନ୍ସ ଚଢ଼ାଉ କରିବାକୁ ଯାଇଥିବା ବେଳେ ବୈକୁଣ୍ଠନାଥ ଷଡଙ୍ଗୀ ଝରକା ଦେଇ ବିଡା ବିଡା ନୋଟ୍ ତଳକୁ ଫୋପାଡି ଦେଇଥିଲେ। ସେଗୁଡିକ ସବୁ ୫୦୦ ଟଙ୍କିଆ ନୋଟ୍ ? ବିଡା ଥିଲା। ଭିଜିଲାନ୍ସ ଅଧିକାରୀମାନେ ସେହି ଟଙ୍କାକୁ ଜବତ କରିଛନ୍ତି। ମୋଟ ୩୭ ଲକ୍ଷ ଟଙ୍କା ସେ ଝରକା ଦେଇ ଫୋପାଡି ଦେଇଥିଲେ, ଯାହା ପାଖରେ ଥିବା ଏକ ଘରର ଆଜବେଷ୍ଟସ ଛାତରେ ପଡିଥିଲା। ତାଙ୍କର ଭୁବନେଶ୍ୱର ସ୍ଥିତ ଏହି ଫ୍ଲାଟ୍‌ରୁ ୧.୨୧ କୋଟି ନଗଦ ଟଙ୍କା ଜବତ କରାଯାଇଛି। ସେହିପରି ତାଙ୍କର ଅନୁଗୋଳର କରଡାଗାଡିଆ ସ୍ଥିତ ଦୁଇ ମହଲା ବିଶିଷ୍ଟ ଘରୁ ଭିଜିଲାନ୍ସ ୧.୩୦ କୋଟି ନଗଦ ଟଙ୍କା ଜବତ କରିଛି। ତାଙ୍କ ପାଖରୁ ମୋଟ ୨.୫୧ କୋଟି ନଗଦ ଟଙ୍କା ଜବତ କରିଛି ଭିଜିଲାନ୍ସ। ଏହା ବାଦ୍ ? ତାଙ୍କର ଆହୁରି ଅନେକ ସଂପତ୍ତି ଠାବ କରାଯାଇଛି। ଶେୟାର ମାର୍କେଟରେ ଶ୍ରୀ ଷଡଙ୍ଗୀ ୨କୋଟି ୭୦ ଲକ୍ଷ ଟଙ୍କା ନିବେଶ କରିଛନ୍ତି।





ସେହିପରି ତାଙ୍କର ଦେଢ଼ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଛି। ଏହା ସହିତ ତାଙ୍କର ଏକାଧିକ ଆବାସିକ ଘର ଓ ଫ୍ଲାଟ୍ ଠାବ କରାଯାଇଛି। ଭୁବନେଶ୍ୱରର ଡୁମଡୁମା ସ୍ଥିତ PDN Exotica ନାମକ କୋଠାରେ ତାଙ୍କର ଏକ ୧୫୩୦ ବର୍ଗଫୁଟର ଫ୍ଲାଟ୍ ? ଅଛି। ପୁରୀ ଜିଲ୍ଲା ପିପିଲି ଥାନା ସିଉଳାରେ ତାଙ୍କର ଆଉ ଏକ ଫ୍ଲାଟ୍ ଅଛି। ଏହି ଫ୍ଲାଟ୍‌ଟି ୧୧୦୦ ବର୍ଗଫୁଟ୍‌ର। ଅନୁଗୋଳରେ ତାଙ୍କର ଦୁଇଟି ଦୁଇ ମହଲା ବିଶିଷ୍ଟ ଘର ଅଛି। ସେଥିରୁ ଗୋଟିଏ କରଡାଗାଡିଆରେ ଓ ଅନ୍ୟ କୋଟି ମାଟିସାହିରେ ଅଛି। ମାଟିସାହିରେ ଥିବା ଘରଟି ତାଙ୍କର ପୈତୃକ ଘର।

ଶ୍ରୀ ଷଡଙ୍ଗୀଙ୍କର ୭ଟି ପ୍ଲଟ ରହିଛି। ଏଥିରୁ ୩ଟି ଅନୁଗୋଳରେ ଥିବା ବେଳେ ୪ଟି ପିପିଲିରେ ଅଛି। ଅନୁଗୋଳରେ ଯେଉଁ ୩ଟି ପ୍ଲଟ୍ ଅଛି, ସେଥିରୁ ୨ଟି କରଡାଗାଡିଆରେ ଥିବା ବେଳେ ଗୋଟିଏ ମାଳି ସାହିରେ ଅଛି। ସେହିପରି ପିପିଲିରେ ତାଙ୍କର ଥିବା ୪ଟି ଯାକ ପ୍ଲଟ ସିଉଳାରେ ରହିଛି। ଏହି ସବୁ ଘର ଓ ଜାଗାର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଆବଶ୍ୟକ ମାପଚୁପ କରାଯାଉଛି ।ବୈକୁଣ୍ଠନାଥ ଷଡଙ୍ଗୀଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳ ସ୍ଥିତ ?ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର ଅଛି। ଖବର ଲେଖାଯିବା ବେଳକୁ ଏହି ଲକରକୁ ଭିଜିଲାନ୍ସ ଖୋଲି ନଥିଲା। ତାଙ୍କର ଗୋଟିଏ ଚାରି ଚକିଆ (ମାରୁତି ସ୍ୱିଫ୍ଟ ଜେଡ୍ ?ଏକ୍ସଆଇ) ଗାଡି ଅଛି। ରେଡ୍ ବେଳେ ତାଙ୍କ ଘରୁ ବହୁ ପରିମାଣର ସୁନା ଗହଣା ମିଳିଛି। ଆଲମୀରାରୁ ବହୁ ସଂଖ୍ୟାରେ ଦାମୀ ଶାଢ଼ି, ଦାମୀ ବ୍ୟାଗ୍ ଓ ପର୍ସ ମିଳିଛି। ଭିଜିଲାନ୍ସ ପକ୍ଷରୁ ଶ୍ରୀ ଷଡଙ୍ଗୀଙ୍କର ଭୁବନେଶ୍ୱର ସ୍ଥିତ ଫ୍ଲାଟ୍ ସହିତ ଅନୁଗୋଳରେ ଥିବା ଦୁଇଟି ଘର, ପିପିଲିରେ ଥିବା ଫ୍ଲାଟ୍, ଅନୁଗୋଳ ଶିକ୍ଷକପଡାରେ ଥିବା ତାଙ୍କର ଜଣେ ସଂପର୍କୀୟଙ୍କ ଘର, ଅନୁଗୋଳ ତହସିଲର ଲୋକେଇପସିରେ ଥିବା ତାଙ୍କର ପୈତୃକ ଘର ଓ ଭୁବନେଶ୍ୱରରେ ଥିବା ତାଙ୍କ ଅଫିସ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି ।ଏହି ଚଢ଼ାଉରେ ୮ ଜଣ ଡିଏସ୍‌ପି, ୧୨ ଜଣ ଇନ୍ସପେକ୍ଟର, ୬ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ସାମିଲ ଅଛନ୍ତି। ଅନୁଗୋଳ ଭିଜିଲାନ୍ସର ସ୍ପେଶାଲ ଜଜ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଘରୁ ବିପୁଳ ଟଙ୍କା ଓ ସମ୍ପତ୍ତି ତାଲିକା ମିଳିବା ପରେ ସେ କେଉଁ କେଉଁ ପ୍ରକଳ୍ପରେ କାର୍ଯ୍ୟ କରିଛନ୍ତି, ତାକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ। ଅନ୍ୟପକ୍ଷରେ ଗତ ଫେବ୍ରୁଆରୀରେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ସୁପାରିସରେ ବୈକୁଣ୍ଠନାଥଙ୍କୁ ଭୁବନେଶ୍ୱର ମୁଖ୍ୟାଳୟକୁ ବଦଳି ହୋଇ ଆସିଥିବା କୁହାଯାଉଛି। ତେଣୁ ତାଙ୍କ ପଛରେ ଓ ସାଙ୍ଗରେ ଆଉ କିଏ ଅଛନ୍ତି, ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା।

## ରଥଯାତ୍ରା:ପୁରୀକୁ ଗଡିବ ୧୦୦୦ ବସ୍

ଭୁବନେଶ୍ୱର,୩୦।୫(ପି.ଏନ): ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୨୪ ଘଣ୍ଟିଆ ବସ୍ ସେବା । ଚଳିତବର୍ଷ ରଥଯାତ୍ରା ପାଇଁ ପୁରୀକୁ ଗଡିବ ୧୦୦୦ ବସ । ଏସଟିଏ କମିଶନର ଅମିତାଭ ଠାକୁରଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ରାଜ୍ୟ ଘରାଇ ବସ ମାଲିକ ସଂଘ ସହ ପୁରୀ, କଟକ, ଭୁବନେଶ୍ୱର ବସ ମାଲିକ ସଂଘ, କଟକ ଡିସିପି, ପୁରୀ ଏସପି, କଟକ, ଭୁବନେଶ୍ୱର, ପୁରୀ ଜିଲ୍ଲାର ପରିବହନ ଅଧିକାରୀ, ଏନଏଚଆଇ କର୍ତ୍ତୃପକ୍ଷ ବୈଠକରେ ସାମିଲ ହୋଇଥିଲେ । ରଥଯାତ୍ରାରେ କେମିତି ସୁରୁଖୁରୁରେ ଭକ୍ତମାନେ ପୁରୀ ଯାଇ ପାରିବେ ସେନେଇ ଆଲୋଚନା ହୋଇଛି । ପୁରୀକୁ ସାରାରାଜ୍ୟରୁ ଗଡିବ ବସ । ରେଗୁଲାର ବସ ସହ ସ୍ୱତନ୍ତ୍ର ପରମିଟ ବି ଦିଆଯିବ ।ତାଳବଣିଆ ସହ ମାଳତୀ ପାଟପୁରରେ ହେବ ବସ ପାର୍କିଂ । ଯାତ୍ରୀଙ୍କୁ ବସ ରହଣିସ୍ଥଳରୁ ବଡଦାଣ୍ଡ ଯାଏ ଚାଲିବ ୧୦୦ଟି ବ୍ୟାଟେରୀ ଚାଳିତ ଗାଡ଼ି । ଧାର୍ଯ୍ୟ ଭଡ଼ା ଠାରୁ ଅଧିକ ଭଡ଼ା ନେଇ ପାରିବେନି ଗାଡ଼ି ମାଲିକ । ତାଳବଣିଆ ବସ ଷ୍ଟପେଜରେ ଯାତ୍ରୀଙ୍କୁ ଦିଆଯିବ ୧୦ ଟଙ୍କାରେ ଖାଦ୍ୟ । ଏଥିସହିତ ପୁରୀକୁ ଯାତ୍ରା କରୁଥିବା ସମୟରେ ଯାତ୍ରୀଙ୍କୁ ବସରେ ପାନୀୟ ଜଳ ଯୋଗାଇ ଦିଆଯିବ । ବସରେ ଫାଷ୍ଟଏଡ୍ କିଟର ବ୍ୟବସ୍ଥା ରଖିବାକୁ ରାଜ୍ୟ ପରିବହନ ଆୟୁକ୍ତ ଆଜି ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସହ ଆଲୋଚନା କରିଛି । ବସରେ କ୍ଷମତାଠାରୁ ଅଧିକ ଯାତ୍ରୀ ନନେବାକୁ ତାଗିଦ କରାଯାଇଛି । ସୁରକ୍ଷିତ ଯାତ୍ରୀ ପରିବହନ ପାଇଁ ୩୦ ଜଣ ଝଞ୍ଜଇ ଅଧିକାରୀ ଦାୟିତ୍ୱରେ ରହିବେ । ପୋଲିସ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସହ, ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି କହିଛନ୍ତି ଝଞ୍ଜଇ କମିଶନର ଅମିତାଭ ଠାକୁର ।






# ସଂଘର୍ଷ କାହାଣୀ ବଖାଣିବେ ନୁସ୍ରତ୍



ଏକା ଏକା ଝିଅଟିଏ ଜୀବନ ଜିଇବା ପାଇଁ ଓ ପରିବାର ପ୍ରତିପୋଷଣ ପାଇଁ ଲଢ଼େଇ କରୁଛି। ଏହା ଭିତରେ ସେ କେବେ କେବେ ଏ ଭୟଙ୍କର ଦୁନିଆ ଭିତରେ ଫସିଯାଉଛି। ସମାଜରେ ଆଗକୁ ବଢ଼ିବାର ସ୍ୱପ୍ନ ଓ ଆକାଂକ୍ଷା ନେଇ ସେ ସଂଘର୍ଷ କରୁଛି। ଏଭଳି ଏକ କାହାଣୀକୁ ନେଇ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଅକେଲି'। ଏହାର ମୁଖ୍ୟ ଚରିତ୍ର ସାଜିଛନ୍ତି ଅଭିନେତ୍ରୀ ନୁସରତ୍। ନୁସରତ୍ କହିଛନ୍ତି ଚଳଚ୍ଚିତ୍ର 'ଅକେଲି'ରେ ମୋ ଚରିତ୍ର ଦେଖି ଦର୍ଶକ ଅବଶ୍ୟ ଅନୁଭବ କରିବେ ଯେ ଜଣେ ଝିଅ ଜୀବନ ଜିଇବା ପାଇଁ କେତେ ସଂଗ୍ରାମ କରିପାରେ। ଆହୁରି ମଧ୍ୟ ସେ କହିଛନ୍ତି- ପରିବାରରେ ପ୍ରେମ ଓ ସୁରକ୍ଷା; ଏ ଦୁଇଟି ଜରୁରୀ। ମନ ଶାନ୍ତି ପାଇବା ପାଇଁ ପ୍ରେମ ଏବଂ ଜୀବନ ପାଇଁ ସୁରକ୍ଷା- ଏ ଦୁଇଟି ନ ଥିଲେ ଜୀବନ ଆଗକୁ ଯାଇପାରିବ ନାହିଁ। ଦାଶାମି ଷ୍ଟୁଡିଓଜ୍, ନିତିନ୍ ବୈଦ୍ୟ, ନିନାଦ ବୈଦ୍ୟ, ଅପର୍ଣ୍ଣା ପଦଗୋଆଙ୍କର, ଭିକ୍କି ସିଦାନା, ସୁଶାନ୍ତ ଶାହ ପ୍ରଯୋଜିତ ଏବଂ ପ୍ରଣୟ ମେଶ୍ରମ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଅକେଲି'। ପ୍ରଯୋଜକ ନିନାଦ କହିଛନ୍ତି- ଗୋଟିଏ ପରିବାରକୁ ସୁଖ ଓ ସୁରକ୍ଷା ଦେବା ପାଇଁ ଝିଅଟିଏ କେତେ ଲଢ଼େଇ କରିପାରେ ତାହା 'ଅକେଲି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏଥିରେ ନୁସରତ୍‌ଙ୍କ ବ୍ୟତୀତ ନିଶାନ୍ତ ଶାହ, ତାଶି ହାଲେବୀ, ଅମୀର ବୋଟର୍ସ ମଧ୍ୟ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ନିକଟରେ ଏହାର ଟିଜର ରିଲିଜ୍ କରିଛି। ଅଗଷ୍ଟ ୧୮ ତାରିଖରେ ଏଇ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାକୁ ଯାଉଛି। ୨୦୦୬ରେ ପରଦା ଦୁନିଆରେ ପାଦ ଦେଇ ନୁସରତ୍ 'ଜୟ ସନ୍ତୋଷୀ ମା'ରେ ଅଭିନୟ କରିଥିଲେ। ପରେ କାଲ କିସନେ ଦେଖା, ତାଜ ମହଲ, ଲଭ୍ ସେକ୍ସ ଔର ଧୋକ୍କା, ପ୍ୟାର କା ପଂଚନାମା, ଆକାଶବାଣୀ, ସୋନୁ କେ ଟିଟୁ କୀ ସୁଇଟି, ଡ୍ରିମ୍ ଗର୍ଲ, ମରଯାଓଁ, ଛଲାଙ୍ଗ, ସେଲଫି, ରାମ ସେତୁ, ଛତ୍ରପତି ଭଳି କୋଡ଼ିଏରୁ ଅଧିକ ସିନେମାରେ ଅଭିନୟ କରିଛନ୍ତି। ମହାରାଷ୍ଟ୍ର ଝିଅ ନୁସରତ କ୍ୟାଡବରି ଓ ବରୋପ୍ଲସ ବିଜ୍ଞାପନର ମଡେଲ।



# କଳା ବିଲେଇ ରାସ୍ତା ଅତିକ୍ରମ କରିବା କାହିଁକି ଅଶୁଭ ?

ଶକୁନ ଶାସ୍ତ୍ରରେ ଏପରି ଅନେକ କଥା ବର୍ଣ୍ଣନା କରାଯାଇଛି ଯାହା ଶୁଭ-ଅଶୁଭ ଘଟଣାକୁ ସୂଚାଇଥାଏ। ଶକୁନ ଶାସ୍ତ୍ରରେ, କଳା ବିଲେଇ ବାଟ ଓଗାଳିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ଆପଣ ଘରୁ ବାହାରୁଥିବା ସମୟରେ ଯଦି କଳା ବିଲେଇ ରାସ୍ତା ଅତିକ୍ରମ କରେ, ତେବେ ଏହା କିଛି ଅଶୁଭ ଘଟଣାକୁ ସୂଚିତ କରେ। ତେବେ ଆସନ୍ତୁ ଜାଣିବା କାହିଁକି କଳା ବିଲେଇର ରାସ୍ତା ଅତିକ୍ରମ କଲେ ଅଶୁଭ ବୋଲି ବିବେଚନା କରାଯାଏ। କଳା ବିଲେଇକୁ ପ୍ରାୟତଃ ତନ୍ତ-ମନ୍ତ୍ର ସାଧନାରେ ବ୍ୟବହାର କରାଯାଏ। କଳା ବିଲେଇକୁ କଳା ଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ। ବିଶ୍ୱାସ କରାଯାଏ କଳା ବିଲେଇ ଅନେକ ସମସ୍ୟା ଆଣିଥାଏ। ଯଦି କଳା ବିଲେଇ ଆପଣଙ୍କ ସାମ୍ନାରେ ରାସ୍ତା ଅତିକ୍ରମ କରେ, ତେବେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଯଦି କଳା ବିଲେଇ ଘରେ ରଖାଯାଇଥିବା କ୍ଷୀର ପିଇଥାଏ, ତେବେ ସେହି ଘରେ ଆର୍ଥିକ ସମସ୍ୟା ହେବାର ସମ୍ଭାବନା ରହିଥାଏ। ଶକୁନ ଶାସ୍ତ୍ର ଅନୁଯାୟୀ, ଯଦି ଆପଣ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବାହାରକୁ ଯାଉଛନ୍ତି ଏବଂ ଏପରି ପରିସ୍ଥିତିରେ ଏକ କଳା ବିଲେଇ ଆପଣଙ୍କ ରାସ୍ତା ଅତିକ୍ରମ କରେ, ତେବେ ଆପଣଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ଯଦି ବିଲେଇ ଘରେ ବାରମ୍ବାର ଆସେ, ତେବେ ଏହା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଏହାବ୍ୟତୀତ କଳା ବିଲେଇ ଶରୀର ଉପରେ ଡେଇଁପଡିଲେ, ତେବେ ଆପଣ ମଧ୍ୟ ଅସୁସ୍ଥ ହୋଇପାରନ୍ତି। ଯଦି ଆପଣ ଘରେ ବିଲେଇର କାନ୍ଦିବାର ଶବ୍ଦ ଶୁଣନ୍ତି, ଏହାର ଅର୍ଥ ହେଉଛି ଆପଣ କିଛି ଖରାପ ଖବର ପାଇପାରନ୍ତି।

# ଭାରତର ସବୁଠୁ ଛୋଟ ଏୟାରପୋର୍ଟ

ଯାତାୟାତର ସବୁଠାରୁ ଦ୍ରୁତ ମାଧ୍ୟମ କଥା ଯଦି କୁହାଯାଏ ତେବେ ତାହା ହେଉଛି ବିମାନ। ବିମାନରେ ଘଂଟାକର ଯାତ୍ରା ମିନିଟକରେ ସମ୍ଭବ ହୁଏ। ବିମାନ ଯାତ୍ରାରେ ସମୟ ବଂଚିବା ସହ ଆରାମଦାୟକ ଯାତ୍ରା ମଧ୍ୟ ହୋଇଥାଏ। ଭାରତରେ ଅନେକ ଅନ୍ତର୍ଜାତୀୟ ଓ ଘରୋଇ ଏୟାରପୋର୍ଟ (ବିମାନବନ୍ଦର) ରହିଛି। ସେଥିରୁ କିଛି ଏୟାରପୋର୍ଟ ବଡ ହୋଇଥିବା ବେଳେ ଆଉ କିଛି ଛୋଟ। ତେବେ ଭାରତରେ ସବୁଠାରୁ ଛୋଟ ଏୟାରପୋର୍ଟ କେଉଁଟା ତାହା ଅନେକ ହୁଏତ ଜାଣି ନଥିବେ। ଭାରତର ସବୁଠାରୁ ଛୋଟ ଏୟାରପୋର୍ଟର ନାମ ହେଉଛି ବଲ୍‌ଜେକ ଏୟାରପୋର୍ଟ। ଯାହାକୁ ତୁରା ଏୟାରପୋର୍ଟ ନାମରେ ମଧ୍ୟ ଜଣାଯାଏ। ଏହି ଏୟାରପୋର୍ଟ ମେଘାଳୟର ଉତର-ପୂର୍ବରେ ୩୩ କି.ମି. ଦୂରରେ ରହିଛି। ଏହି ଏୟାରପୋର୍ଟର ନିର୍ମାଣ କେବଳ ୨୦ ଆସନ ବିଶିଷ୍ଟ ଡୋର୍ନିଅର-୨୨୮ ବିମାନ ପାଇଁ କରାଯାଇଥିଲା। କିନ୍ତୁ ପରବର୍ତୀ ସମୟରେ ଅଧିକ ଜମି ଅଧିଗ୍ରହଣ



କରି ଏହାର ସମ୍ପ୍ରସାରଣ ପାଇଁ ଯୋଜନା ହୋଇଥିଲା। ଭାରତରେ ଥିବା ବିଭିନ୍ନ ଏୟାରପୋର୍ଟର ରନୱେର ଲମ୍ବ ଏକାଧିକ କି.ମି ହୋଇଥାଏ। କିନ୍ତୁ ତୁରା ଏୟାରପୋର୍ଟର ରନୱେ ମାତ୍ର ୧ କି.ମି.। ଯେଉଁଠାରେ କେବଳ ଛୋଟ ବିମାନର ଉଡାଣ ଓ ଅବତରଣ ଦେଖିବାକୁ ମିଳେ। ତେଣୁ ରନୱେ କାରଣରୁ ଏହାକୁ ଭାରତର ସବୁଠାରୁ ଛୋଟ ଏୟାରପୋର୍ଟ ବୋଲି କୁହାଯାଉଛି। ଏହି ଏୟାରପୋର୍ଟ ନିର୍ମାଣ ଲାଗି ୧୯୮୩ରେ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଥିଲା। ୧୯୯୫ରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଲା। ୧୨ କୋଟି ୫୨ ଲକ୍ଷ ଟଙ୍କାରେ ଏହାର ନିର୍ମାଣ କରାଯାଇଥିଲା। ୨୦୦୮ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଲା।


# ମାଆ-ବାପାଙ୍କ ସହ ଲଢିଥିଲେ ଅମିଶା



ବଲିଉଡ ଅଭିନେତ୍ରୀ ଅମିଶା ପଟେଲଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର ଗଦର-୨ । ପ୍ରେକ୍ଷାଳୟରେ ଟିକେଟ୍ ପ୍ରି-ବୁକିଂ ଆରମ୍ଭ ହୋଇଛି। ଲୋକମାନେ ଏହି ଚଳଚ୍ଚିତ୍ରକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଗଦର ଫିଲ୍ମ ସୁପର ହିଟ୍ ହେବା ପରେ ବର୍ତ୍ତମାନ ଗଦର-୨ ରିଲିଜ୍ ହେବାକୁ ଯାଉଛି। ଏହି ଚଳଚ୍ଚିତ୍ର ହେତୁ ଅଭିନେତ୍ରୀ ଅମିଶା ପଟେଲ ପୁଣି ଥରେ ଲାଇମଲାଇଟକୁ ଆସିଛନ୍ତି। ଅମିଶା ପଟେଲଙ୍କ କ୍ୟାରିୟର ବହୁତ ଅପ୍ ଆଣ୍ଡ ଡାଉନ୍ ରେ ଚାଲୁଛି। କ୍ୟାରିୟର ଆରମ୍ଭରେ ସେ ଦୁଇଟି ବଡ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ପାଇଲେ। ପ୍ରଥମ ନାମ ହ୍ରିତିକ ରୋଶନଙ୍କ ଫିଲ୍ମ 'କାହୋ ନା ପ୍ୟାର' ଏବଂ ଦ୍ୱିତୀୟ ଚଳଚ୍ଚିତ୍ରଟି ହେଉଛି ଗଦର। ଦୁଇଟି ବଡ ହିଟ୍ ପରେ ଅମିଶାଙ୍କ କ୍ୟାରିଅର୍ ତଳକୁ ତଳକୁ ଖସିବାକୁ ଲାଗିଲା। କୁହାଯାଏ ଯେ ଅମିଶାଙ୍କ ପତନ ତାଙ୍କ ବ୍ୟକ୍ତିଗତ ଜୀବନ କାରଣରୁ ହୋଇଥିଲା। କହିବାକୁ ଗଲେ କ୍ୟାରିୟରର ଆରମ୍ଭରେ ସେ ତାଙ୍କ ପିତାମାତାଙ୍କ ସହ ଝଗଡା କରିବାକୁ ପଛାଇନଥିଲେ। ଅଭିଯୋଗ ଥିଲା କି, ତାଙ୍କ ବାପା ମାଆ ଟଙ୍କା ହଡପ କରୁଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଥମ ଦୁଇଟି ଚଳଚ୍ଚିତ୍ରର ଅଭୁତପୂର୍ବ ସଫଳତା ପରେ ଅମିଶା ପଟେଲଙ୍କ ଘର କଳି ଝଗଡା ହେବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ମାମଲା ଏତେ ବଢିଗଲା ଯେ, ମାମଲା କୋର୍ଟରେ ପହଞ୍ଚିଲା। ଅମିଶା ସର୍ବସାଧାରଣରେ ତାଙ୍କ ପିତାମାତାଙ୍କୁ ସେମାନଙ୍କର ରୋଜଗାରର ଅପବ୍ୟବହାର କରିଥିବା ଅଭିଯୋଗ କରିଥିଲେ। ଯେତେବେଳେ ସେ ଏହାକୁ ବିରୋଧ କରିଥିଲେ ସେତେବେଳେ ତାଙ୍କୁ ମଧ୍ୟ ମାଡ ପଡିଥିଲା। ଅମିଶା ପଟେଲ ମଧ୍ୟ ତାଙ୍କ ପିତାମାତାଙ୍କ ବିରୋଧରେ ୧୨ କୋଟି ଟଙ୍କା ନେଇଥିବା ଅଭିଯୋଗ କରିଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ବିକ୍ରମ ଭଟ୍ଟଙ୍କ ସହ ଘନିଷ୍ଠତା ହେତୁ ଏପରି ଭୋଗିବାକୁ ପଡିଥିଲା।

# ଯୋଗ ବଢ଼ାଏ ସ୍ମରଣଶକ୍ତି

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଚଂଚଳ ରଖିବା ପାଇଁ ଯୋଗକୁ ବିକଳ୍ପ ଭାବେ ସମସ୍ତେ ଆପଣେଇ ପାରନ୍ତି। ଯୋଗ କରିବାଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜବୁତ୍ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ଏହା ସନ୍ତୁଳିତ ଅବସ୍ଥାରେ ରଖେ ଯଦ୍ୱାରା ଡାଇବେଟିସ୍, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ଅନେକ ରୋଗରୁ ଆମେ ରକ୍ଷା ପାଇଥାଉ।



ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ଫଳରେ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ଏଥିରୁ ଯୋଗ କେତେକାଂଶରେ ଉପଶମ ଦେଇଥାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୩୧

# ଭୂମିପୁତ୍ର ଭୂୟାଁ ସମ୍ପ୍ରଦାୟ ଏକ ଆଲୋଚନା



ଉମାଶଙ୍କର ପ୍ରସାଦ

ଉତ୍କଳର ବହୁ ପ୍ରାଚୀନ କାଳର ନାମ କଳିଙ୍ଗ ଥିଲା। ପୌରାଣିକ ବିବରଣୀ ଅନୁସାରେ ରାକ୍ଷସ ରାଜା ବଳୀଙ୍କର ପତ୍ନୀ ସୁଦେଷ୍ଣାଙ୍କ ଗର୍ଭରୁ ପାଂଚ ପୁତ୍ର ଜନ୍ମ ଲାଭ କରିଥିଲେ। ସେହି ପାଂଚ ପୁତ୍ରଙ୍କ ମଧ୍ୟରୁ ତୃତୀୟ ପୁତ୍ର 'କଳିଙ୍ଗ' ଙ୍କ ନାମାନୁସାରେ କଳିଙ୍ଗ ଭୂମିର ନାମକରଣ ହୋଇଥିଲା। ଆର୍ଯ୍ୟୋ ର କଳିଙ୍ଗ ଭୂମିର କକ୍ଷୀବନ୍ତ ଆର୍ଯ୍ୟ ବୈଦିକ ସମାଜରେ ପ୍ରତିଷ୍ଠା ଲାଭ କରିଥିଲା। କଳିଙ୍ଗ ରାଣୀଙ୍କର ଦାସୀ ଉସିକ ଗର୍ଭରେ ଦୀର୍ଘତମା ଋଷିଙ୍କ ଔରସରେ 'କକ୍ଷୀବାନ' ଜନ୍ମ ଗ୍ରହଣ କରିଥିଲେ। ଏଣୁ କକ୍ଷୀବାନ ନୀଚବଂଶ ସମ୍ଭୁତ ବୋଲି ମହାଭାରତ, ବାୟୁପୁରାଣ ଓ ମତ୍ସ୍ୟପୁରାଣରେ ସୂଚିତ। 'ପ୍ଲ୍ୟୁନିଷ୍ଟ'ଙ୍କ ଭାରତ ଆଗମନ କାଳରେ କଳିଙ୍ଗ ତିନି ଭାଗରେ ବିଭକ୍ତ ହୋଇଥିଲା। ଯାହା ଥିଲା :- କଳିଙ୍ଗ, ଟୁଡୁ-କଳିଙ୍ଗ ଓ ମଶଖ କଳିଙ୍ଗ। ପରବ ର୍ତ୍ତୀ କାଳରେ ଏହା ଉତ୍କଳ ବା ଉଡ୍ର ( ଗଙ୍ଗାଠାରୁ ବୈତରଣୀ), କଙ୍ଗୋଦ ବୈତରଣୀରୁ ଦକ୍ଷୀଣ ଚିଲିକା ମୁହାଣ ପର୍ଯ୍ୟନ୍ତ କଳିଙ୍ଗ ଭୂମିନାମରେ ବିଦିତ ଥିଲା ଏବଂ ଯେଉଁଥିରେ ସୂର୍ଯ୍ୟବଂଶୀ ରାଜାମାନେ ରାଜତ୍ୱ କରୁଥିଲେ। ସେତେବେଳେ କେନ୍ଦୁଝର ଜୋହାର ରାଜ୍ୟର ଖିଜିଲିଙ୍ଗ୍ ଓ ପରେ ପମଗରଭ କ୍ଷେତ୍ର ମଣ୍ଡଳ ଭାବେ ବିଦିତ ଥିଲା। ଏଠାରେ ପୁଷ୍ପଗିରି ନାମରେ ସଂସ୍ଥାନ ଥିଲା। ସେହି ପୁଷ୍ପଗିରି ସେତେବେଳେ 'ଲଳିତଗିରି, ଉଦୟଗିରିର ବିଶ୍ୱବିଦ୍ୟାଳୟ ରୂପେ ପରିଚିତ ହେଉଥିଲା। ଭୌମକର ମାନଙ୍କ ରାଜତ୍ୱ କାଳରେ ଏହା ଏକ ପ୍ରସିଦ୍ଧ ଶିକ୍ଷାପୀଠରେ ପରିଣତ ହୋଇଥରଲା। ଏହି ଭୌମବଂଶରୁ ଭୂୟାଁମାନଙ୍କର ଜନ୍ମ। ଗଜପତି କପିଳେନ୍ଦ୍ର ଦେବ ଏହି ଭୌମବଂଶରୁ ସମ୍ଭୁତ ହୋଇ ସୂର୍ଯ୍ୟବଂଶ ରାଜତ୍ୱର ପଥପ୍ରଦର୍ଶକ ଥିଲେ। ସେହି ଭୌମବଂଶରୁ ଉତ୍ପନ୍ନ ଜୟସିଂଙ୍କ ଦ୍ୱିତୀୟ ପୁତ୍ର ଜ୍ୟୋତି ଭଞ୍ଜ ଓ ପ୍ରଥମ ପୁତ୍ର ଆଦି ଭଞ୍ଜ ବୈତରଣୀ ନଦୀ କୂଳରେ ଜ୍ୟୋତିପୁର ତଥା ଆଦିପୁର ( ବ ର୍ତ୍ତମାନ ର ଖିଚିଂ) ସନ୍ନିକଟ 'ମୟୁରଭଞ୍ଜ' ର ରାଜା ହୋଇଥିଲେ। ସେହି ଭୂୟାଁମାନଙ୍କୁ ନେଇ ଭଂଜବଂଶ ଆବିର୍ଭାବ ପୂର୍ବରୁ ଏହି ରାଜ୍ୟରେ ୨୧ ଜଣ ରାଜା ରାଜୁତି କରି ସାରିଥିଲେ। ଏହି ଚତୁର ଭୂୟାଁମାନେ ଜୟସିଂଙ୍କୁ ଗାଦିସୀନ କରାଇ ସାରିଲା ପରେ ଏହି ମଣ୍ଡଳକୁ କେନ୍ଦୁଝର ନାମରେ ନାମିତ କରିଥିଲେ। କେନ୍ଦୁଝର ଇତିହାସ (ଏକ୍ଟକ୍ଷୟରଭ ଜବଙ୍କଷ୍ୱବଚ୍ଛ ଓ ଉକ୍ଟଭୟରଭ ଜବଙ୍କଷ୍ୱବଚ୍ଛ) ତାଙ୍କ ବହିରେ ଦର୍ଶାଇଛନ୍ତି। ୧୧୭୮ ଖ୍ରୀ.ଅରେ ଖିଚିଙ୍ଗକୋଟର ରାଜା ଆଦିଭଞ୍ଜ ସାନଭାଇ ଜ୍ୟୋତିଭଞ୍ଜଙ୍କୁ ଭୂୟାଁମାନେ ଗୋପନରେ ଚୋରାଇ ଆଣି ବିଭିନ୍ନ ସ୍ଥାନରେ ତାଙ୍କୁ ଲୁଚାଇ ରଖି ଶେଷରେ ଭୂୟାଁପୀଢ ଅନ୍ତର୍ଗତ ବଂଶପାଳରେ ରଖି ରାଜମର୍ଯ୍ୟାଦାସହ ତାଙ୍କର ଲାଳନ ପାଳନ କରୁଥିଲେ। ଲୋକକଥାରୁ ଜଣାଯାଏ ଯେ ଭଞ୍ଜଭୂମି କେନ୍ଦୁଝରରେ ଆଦିମ ବନବାସୀମାନଙ୍କୁ ଭଞ୍ଜବଂଶର ରାଜାମାନେ ଶାସନ କରି ଆସୁଥିଲେ ବରଂ ଭୂୟାଁମାନେ ସ୍ୱଇଚ୍ଛାରେ ଜଣେ ଭଞ୍ଜ ରାଜପୁତ୍ରଙ୍କୁ ଆଣି ନିଜର ଶାସକ କରାଇଥିଲେ ବୋଲି ପ୍ରବାଦ ଅଛି। ଓଡିଶାର ପୂର୍ବତନ ଗଡଜାତ ରାଜ୍ୟ କେଉଁଝରର ବଣେଇ ଗାଙ୍ଗପୁର ପାଲଲହଡା ଓ ବାମଣ୍ଡା ଭୂୟାଁମାନଙ୍କର ଆଦି ବାସସ୍ଥଳ ଥିଲା। ଏହି ରାଜ୍ୟରେ ଭୂୟାଁ ସର୍ଦ୍ଦାର ରାଜାଙ୍କୁ ତିଳକ ନକଲା ଯାଏ ରାଜାଙ୍କର ସିଂହାସନ ଆରୋହଣ ଅସିଦ୍ଧ ହେଉଥିଲା।

କିମ୍ବଦନ୍ତୀ ଅନୁସାରେ ଭୂୟାଁମାନେ ଚାରି ଜାତିରେ ବିଭକ୍ତ ଯଥା :- ପରଜା ଭୂୟାଁ, ଦଣ୍ଡସେନା ଭୂୟାଁ, ସାନ୍ତାଳୀ ଭୂୟାଁ ଓ ଖଣ୍ଡାୟତ ଭୂୟାଁ। ଏହି ଭୂୟାଁମାନେ ବାରଗୋଟି ପାଟକରେ ବିଭକ୍ତ ହେବାର ପ୍ରଥା ରହିଛି। ଯଥା—ଠାକୁର ( ରାଜବଂଶଧର ସାମନ୍ତ),ନାଇକ (ସେନାପତି),ପ୍ରଧାନ (ଗାଁ ମୁଖିଆ), ଛତ୍ରିଆ (ରାଜାଙ୍କର ଛତ୍ରଧାରୀ), କାଲୋ (ଗୁଣି ବାପୂଜକ), ଦେହୁରୀ (ପୁରୋହିତ), ସାହୁ (ମହାଜନ ଗ୍ରହିତା) ମାଝି (ଦଳପତି), ବେହେରା (ପରାମର୍ଶଦାତା) ଓ ଦଣ୍ଡମେଳା (ପୋଲିସ କର୍ମଚାରୀ)। ଏହି ଭୂୟାଁମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା- ରାଜକୁଳୀ ଭୂୟାଁ ଓ ପାହାଡି ଭୂୟାଁ। ରାଜକୁଳୀ ଭୂୟାଁମାନେ ରାଜାଙ୍କର ସେବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ପାହାଡି ଭୂୟାଁ ବା ମାଲଭୂୟାଁ ସମତଳ ଅଂଚଳ ଏବଂ ପାହାଡି ଅଂଚଳରେ ବସବାସ କରନ୍ତି। ଏହି ପାହାଡି ଭୂୟାଁ କାଳକ୍ରମେ ଅପଭ୍ରଂଶ ହୋଇ 'ପାଉଡିଭୂୟାଁ'ଶବ୍ଦର ଉତ୍ପତି ହୋଇଛି। ପ୍ରତ୍ୟେକ ଗ୍ରାମର ମଧ୍ୟ ଭାଗରେ ଗୋଟିଏ ମଣ୍ଡାଘର ନିର୍ମିତ ହୋଇଥାଏ ଯାହା ଭୂୟାଁମାନଙ୍କ କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ସେମାନେ ସମ୍ମିଳିତ ହୋଇ ସେମାନଙ୍କର ଭାବ ବିନିମୟ କରିଥାନ୍ତି। ଏବଂ ଚାଙ୍ଗୁ ବାଦ୍ୟର ତାଳେ ତାଳେ ନାଚ ଗୀତର ଆସର ଜମି ଉଠେ। ଅତିତରେ ବ୍ରିଟିଶ ସମୟରେ ରାଜା ମହାରାଜା ମାନେ ନିଜର ସ୍ଥିତିକୁ ସୁଦୃଢ କରିବା ପାଇଁ ଭୂୟାଁ ଜାତି ଭିତରେ ବିଭାଜନ ସୃଷ୍ଟି କରି ସେମାନଙ୍କୁ ଦୁର୍ବଳ କରିଦେଇଥିଲେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲା ଜାତି ବିଭାଜନ। ଏହା ସତ୍ୱେ ସମସ୍ତେ ଗୋଟିଏ ଭୂୟାଁ ଜାତି ରୂପେ ପରିଚିତ।

ଏହି ଭୂୟାଁ ଆଦିବାସୀମାନଙ୍କର ବୈଚିତ୍ର୍ୟମୟ ଜୀବନ ଯାପାନ ଅନୁଧ୍ୟାନ କରିବା ଯେପରି ଆନନ୍ଦ ଦାୟକ ସେହିପରି ମହତ୍ୱପୂର୍ଣ୍ଣ। ଯଦିଓ ଏମାନେ ଆଦିବାସୀ ସଂପ୍ରଦାୟ ର ତଥାପି ହିନ୍ଦୁମାନଙ୍କ ଭଳି ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି। କାଳକ୍ରମେ ଭୂୟାଁମାନେ ହିନ୍ଦୁ ହେଲେ। ଏମାନଙ୍କ ଭାଷା କିନ୍ତୁ ସ୍ୱତନ୍ତ୍ର ନୁହେଁ। ପ୍ରଥମେ ଏମାନେ ପ୍ରକୃତି ପୂଜା କରୁଥିଲେ। ପରେ ଏମାନେ ବଣ ଦେବୀ, ଧର୍ମ ଦେବତା, ସୂର୍ଯ୍ୟଦେବତା ଓ ଧରିତ୍ରୀମାତାଙ୍କୁ ମଧ୍ୟ ପୂଜା କରନ୍ତି। ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି 'ମା ଦୁର୍ଗା'। ଦଲେଇଲାମା ତାଙ୍କର 'ଲାମାଇଜିମ' ରେ କେନ୍ଦୁଝର ଭୂୟାଁମାନଙ୍କ କଥା ଉଲ୍ଲେଖ କରିଛନ୍ତି। ବୌଦ୍ଧ ଧର୍ମର ପ୍ରବ ର୍ତ୍ତକ ବୁଦ୍ଧଦେବଙ୍କ ପ୍ରଥମ ଓଡିଆ ଦୁଇଜଣ ଶିଷ୍ୟ 'ତପସୁ ଓ ଉଲ୍ଲୁକ' ଥିଲେ ଭୂୟାଁ। କେଉଁଝରରେ ଏହି ଭୂୟାଁମାନେ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସମୟରେ ବୀରତ୍ୱ ସହକାରେ ମରହଟ୍ଟାମାନଙ୍କୁ ମୁକାବିଲା କରିଥିବାର ପ୍ରମାଣ ମଧ୍ୟ ଅଛି। ୧୮୯୮ ଖ୍ରୀଷ୍ଟାବ୍ଦରେ ଔପନାସିକ ଗୋପାଳ ବଲ୍ଲଭ ଦାସଙ୍କ ରଚିତ 'ଭୀମାଭୂୟାଁ ଉପନ୍ୟାସରେ' ଅବହେଳିତ ଭୂୟାଁ ଆଦିବାସୀ ଜୀବନ ଓ ଏକ ତାଡନାମୂଳକ ପ୍ରେମ କାହାଣୀ ଅବତାରଣା କରାଯାଇଛି। ଆଦିବାସୀ ଭୀମାର କ ର୍ତ୍ତବ୍ୟ ପରାୟଣତା ତଥା ବୀରତ୍ୱ ତଥା ପିତାଙ୍କ ପ୍ରାଣ ରକ୍ଷା ଯୋଗୁ ରାଜା ହରିଚନ୍ଦନଙ୍କ କନ୍ୟା ତା ପ୍ରତି ପ୍ରେମାସକ୍ତ ହୋଇଛି କିନ୍ତୁ ରାଜା ଏହା ଜାଣିବା ପରେ ଦୁଃସାହସୀ ଯୁବକ ଭୀମାକୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ ମଧ୍ୟ ରାଜଜେମାଙ୍କ ହସ୍ତକ୍ଷେପ ଫଳରେ ମୃତ୍ୟୁଦଣ୍ଡ ଖାରଜ ହୋଇଥିଲା। ଭୂମିପୁତ୍ର ଭୂୟାଁମାନେ ପୃଥିବୀକୁ ମା ରୂପେ ଆରାଧନା କରନ୍ତି। ମାତୃଭୂମିର ରକ୍ଷା ପାଇଁଏମାନେ ପ୍ରାଣପାତଃ କରିବାକୁ ପାଶ୍ଚାତପଦ ହୁଅନ୍ତିନି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ପାଇଁଏମାନେ ସଦା ତତ୍ପର ହୋଇ ବାହାରନ୍ତି। ଭୂୟାଁମାନେ ଆଦିବାସୀ ଶ୍ରେଣୀଭୁକ୍ତ ହେଲେ ମଧ୍ୟ ଚାଷ ହେଉଛି ଏମାନଙ୍କ ମୁଖ୍ୟ ଜୀବିକା। ଆଜି ସମୟର ଗତିଚକ୍ର ପରିବ ର୍ତ୍ତନ ଓ ସଭ୍ୟତାର ବିକାଶ ସହିତ ଭୂୟାଁମାନେ ସଭ୍ୟ ସମାଜର ଅଂଶ ବିଶେଷ ହେବା ସହ ସମଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ପ୍ରତିଭା ପ୍ରତିପାଦିତ କରି ଚାଲିଛନ୍ତି। ଆଜି ସମଗ୍ର ବାରତ ବର୍ଷରେ ୭୩୦ ଅନୁସୂଚିତ ଜନଜାତି ସମ୍ବିଧାନର ୩୪୨ ଆର୍ଟିକିଲ ବା ପର୍ବରେ ସୂଚିତ ହୋଇଛି ଏବଂ ଆମ ରାଜ୍ୟ ଓଡିଶାରେ ୨୦୧୧ ଜନଗଣନା ଅନୁସାରେ ୯,୫୯୦,୭୫୬ ସିଡିଉଲ ଟ୍ରାଇବ ବସବାସ କରନ୍ତି ଯାହାକି ଭାରତର ତୃତୀୟ ସର୍ବବୃହତ ରାଜ୍ୟ ଭାବେ ପରିଗଣିତ। ଶେଷରେ ଏତିକି କହିବି ଏହି ଜନଜାତି ତଥା ଭୂୟାଁମାନଙ୍କ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କଲେ ଏମାନେ ବିଦ୍ରୋହ କରିଥାନ୍ତ। ଆଜି ଇତିହାସରେ ଏହି ଜାତିର ଦେଶପ୍ରେମ, ଜାତୀୟତା ମନୋଭାବ ଏମାନଙ୍କୁ ବଡ କରିପାରିଛି। ଆମେ ଆଜି ଗର୍ବିତ ଯେ ଆମ ରାଷ୍ଟ୍ର ମୁଖ୍ୟ ଭାବେ ଆମେ ଜଣେ ସରଳ, ଅମାୟିକ ନିଷ୍କପଟ ଆଦୀବାସୀ ମହିଳାଙ୍କୁ ପାଇଛୁ ଏବଂ ରାଜ୍ୟ ମୁଖ୍ୟଭାବେ ମଧ୍ୟ ଜଣେ ଆଦିବାସୀ ବ୍ୟକ୍ତିତ୍ୱଙ୍କୁ ଆମର ଶାସନଭାର ପ୍ରଦାନ କରିଛୁ।

*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*
*ମୋ : ୬୩୭୦୬ ୭୫୫୬୨*

# ହିନ୍ଦୁତ୍ୱ: ଇତିହାସ ଏବଂ ବର୍ତ୍ତମାନ

ଭାରତୀୟ ପରମ୍ପରା ଅନୁସାରେ ଧର୍ମ ଶବ୍ଦର ଅର୍ଥ ଯାହା ୟୁରୋପ ଏବଂ ମଧ୍ୟ ପ୍ରାଚ୍ୟରେ ସଂପୂର୍ଣ୍ଣ ଭିନ୍ନ। ହିନ୍ଦୁ ଧର୍ମ ଦାର୍ଶନିକ ଆଧାରଯୁକ୍ତ ଅଟେ, ଏହା ବ୍ୟକ୍ତି କେନ୍ଦ୍ରିକ ନୁହେଁ ବରଂ ଅନେକ ଉପାସନା ପଦ୍ଧତିରେ ସଙ୍ଗମ ଅଟେ। ହିନ୍ଦୁ ଧର୍ମରେ ଦେଶ-କାଳକୁ ନେଇ ସୁଧାର ମଧ୍ୟ ସମ୍ଭବ। ସନାତନ ପରମ୍ପରାରେ ଇଷ୍ଟଦେବଙ୍କ ନାମ ଅନୁସାରେ ୫ଟି ମୁଖ୍ୟ ଉପାସକ ସମୁଦାୟ ରହିଛି। ଏସବୁ ହେଉଛି ସୌର, ଶୈବ, ଶାକ୍ତ, ବୈଷ୍ଣବ ଏବଂ ଗାଣପତ୍ୟ। ଦକ୍ଷିଣ ଭାରତରେ ଏହି ୫ଟି ଉପାସକଙ୍କ ସହ ସ୍କନ୍ଦ ପୂଜକ ମଧ୍ୟ ଦେଖିବାକୁ ମିଳନ୍ତି। ପ୍ରାଚୀନ କାଳରେ ଏହି ଉପାସକ ସଂପ୍ରଦାୟ ମାନେ ପରସ୍ପରକୁ ବିରୋଧ କରୁଥିଲେ ଓ ସ୍ଥିତି ମଧ୍ୟ ଗମ୍ଭୀର ହେଉଥିଲା। କାଳାନ୍ତରରେ ଏସବୁ ଉପାସକ ସଂପ୍ରଦାୟ ବା ଗୋଷ୍ଠୀ ପରସ୍ପର ମଧ୍ୟରେ ବୁଝାମଣା କରି ବା ସାମସ୍ୟ ସ୍ଥାପନ କରିଥିଲେ ଓ ଉପାସନା ପଦ୍ଧତିରେ ପାର୍ଥବ୍ୟ ଥିଲେ ମଧ୍ୟ ପରସ୍ପରର ଇଷ୍ଟଦେବଙ୍କୁ ସମ୍ମାନ କରିବା ଆରମ୍ଭ କରିଥିଲେ। କପିଳ ମୂନୀ ପ୍ରଣୀତ ନୀରିଶ୍ୱରବାଦ ମଧ୍ୟ ସନାତନର ଅଂଶ ବିଶେଷ। ଜୈନଧର୍ମ ଓ ବୌଦ୍ଧ ଧର୍ମର ଅଭ୍ୟୁଦୟ ହେବା ପରେ ପୁଣି ସାମସ୍ୟର ଆବଶ୍ୟକତା ପଡିଲା ଏଣୁ ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ବୋଲି ଗ୍ରହଣ କରାଗଲା। ଏପରିକି ତୀର୍ଥଙ୍କର ମହାବୀରଙ୍କୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରାଗଲା। କିନ୍ତୁ ନୀରିଶ୍ୱରବାଦୀ ମାନେ ପ୍ରଭାବ ହୀନ ହୋଇପଡିଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁ ମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଜାତିର ଭ୍ରାନ୍ତ ବ୍ୟାଖ୍ୟା କାରଣରୁ ବିଭାଜିତ ସମାଜର ଲାଭ ବିଦେଶୀ ଆକ୍ରମଣକାରୀ ମାନେ ଉଠାଇଥିଲେ। ଇସଲାମୀ ଏବଂ ଇସାଇ(ଖ୍ରୀଷ୍ଟ) ଧର୍ମାବଲମ୍ବୀ ସାମ୍ରାଜ୍ୟବାଦୀ ମାନଙ୍କର ସ୍ୱପ୍ନ ଥିଲା ଭାରତ ଉପରେ ଶାସନ କରିବା। ଏହି କାରଣରୁ ମୁସଲମାନ ମାନେ ଅନବରତ ଆକ୍ରମଣ କରି ଭାରତ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରି ପାରିଥିଲେ। ନିଜର ଉଦେଶ୍ୟ ଚରିତାର୍ଥ କରିବା ପାଇଁ ସେମାନେ ହତ୍ୟା, ବଳାତ୍କାର, ଅପହରଣ ଏବଂ ବଳପୂର୍ବକ ଧର୍ମାନ୍ତରଣ ଆରମ୍ଭ କରିଦେଇଥିଲେ। ଅତ୍ୟାଚାରିତ ହିନ୍ଦୁସମାଜ ପରିସ୍ଥିତିକୁ ଦେଖି ବୁଝାମଣା କରିବା ପାଇଁ ବାଧ୍ୟ ହୋଇଥିଲେ। ଏଭଳି ସମୟରେ ବିଭ୍ରାନ୍ତ ହିନ୍ଦୁଙ୍କ ମଧ୍ୟରେ ଆତ୍ମଗୌରବ, ନୈତିକତା, ଆଦର୍ଶ ଏବଂ ପରାକ୍ରମକୁ ପୁନଃଜୀବିତ କରିବା ପାଇଁ ଗୋସ୍ୱାମୀ ତୁଳସୀ ଦାସ ମର୍ଯ୍ୟଦା ପୁରୁଷୋତ୍ତମ ରାମଙ୍କୁ ଆଦର୍ଶ ଜନନାୟକ ଭାବେ ଚିତ୍ରଣ କରି ରାମଚରିତ ମାନସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ହିନ୍ଦୁ ସଂଗଠିତ ହୋଇଥିଲେ। ଆକବରି ନିୟମ ମୋଗଲ ଶାସନକୁ କିଛି ବର୍ଷ ପର୍ଯ୍ୟନ୍ତ କାଏମ ରଖିଥିଲା।

ହିନ୍ଦୁମାନଙ୍କ ମଧ୍ୟରେ କ୍ରମେ କ୍ରମେ ଭେଦଭାବ କମିବାରେ ଲାଗିଲା। ଏହାର ଏକ ଉଦାହରଣ ହେଉଛି ବଙ୍ଗଳା(ବର୍ତ୍ତମାନର ପଶ୍ଚିମବଂଗ)ର ଜନୈକ ଜମିଦାର ସର୍ବଧର୍ମ ସମନ୍ୱୟ ପାଇଁ ୧୬୧୦ରେ ପ୍ରଥମ କରି ଏକାସାଥିରେ ମାଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣପତି ତଥା କାର୍ତ୍ତୀକେୟଙ୍କ ପ୍ରତିମୂର୍ତ୍ତୀ ସହ ସେମାନଙ୍କ ବାହନର ମୂର୍ତ୍ତୀ କରାଇ ମହିଷାସୁରମର୍ଦ୍ଦୀନୀ ଋପରେ ଦୁର୍ଗା ପୂଜାର ଆରମ୍ଭ କରିଥିଲେ। ସେହି ଦୁର୍ଗାପୂଜା ଲୋକପ୍ରିୟ ହୋଇଥିଲା ଓ କ୍ରମେ କ୍ରମେ ଏହି ପୂଜା ସାରା ଭାରତରେ ଏପରିକି ବିଦେଶରେ ମଧ୍ୟ ଲୋକପ୍ରିୟ ହେଲା। ମୋଗଲ ଶାସକ ମାନେ ଦୁର୍ବଳ ହେବାରେ ଭାରତ ଉପରେ ୟୁରୋପୀୟ ଦେଶମାନଙ୍କର ଦୃଷ୍ଟି ପଡିଲା। ଆର୍ମେନିଆ, ହଲାଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ତଥା ଇଂଲଣ୍ଡ ଭଳି ଦେଶମାନଙ୍କ ମଧ୍ୟରେ ଭାରତକୁ କବଜା କରିବା ପାଇଁ ପ୍ରତିଦ୍ୱନ୍ଦୀତା ବଢିଚାଲିଲା। କିନ୍ତୁ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଏ ଦିଗରେ ସଫଳ ହୋଇଥିଲେ। ସେହି ସମୟରେ ଅନେକ ହିନ୍ଦୁ ବ୍ରିଟିଶ ମାନଙ୍କୁ ମୁସଲିମ ଶାସକଙ୍କ ଅପେକ୍ଷା ଉତ୍ତମ ବୋଲି ବିଚାର କରିଥିଲେ। ପଲାସି ଯୁଦ୍ଧରେ ମୀରଜାଫର ଧୋକା ଦେଇଥିଲେ। ଏପରିକି କେତେକ ହିନ୍ଦୁରାଜା ଓ ଜମିଦାର ଇଂରେଜଙ୍କର ସହାୟତା କରିଥିଲେ। ୧୭୬୫ରେ ଦିବାନୀ ମିଳିବା ପରେ ଇଂରେଜ ମାନେ ପୂର୍ବ ଭାରତରେ ସମସ୍ତ ଉଦ୍ୟୋଗ-ଧନ୍ଦାକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ। ଅତ୍ୟଧିକ ଟିକସ ଆଦାୟ କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା, ୧୭୭୧ରେ ଭୟଙ୍କର ମରୁଡି ପଡିଥିଲା ଓ ପାଖାପାଖି କୋଟିଏ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ ହିନ୍ଦୁ ସନ୍ୟାସୀ ମାନେ ଭବାନୀ ଚରଣ ପାଠକଙ୍କ ନେତୃତ୍ୱରେ ଇଂରେଜ ମାନଙ୍କୁ ବିରୋଧ ଆରମ୍ଭ କରିଥିଲେ। ସେ ସମୟ ଭାରତ ପାଇଁ ଦୁର୍ଦ୍ଦିନ ଥିଲା। ମୁସଲମାନ ଏକପ୍ରକାର ପରାଜିତ ହୋଇଥିଲେ ଏବଂ ହିନ୍ଦୁମାନେ ଜାତିଆଣ ଭାବ ଓ ଅନେକ କୁରୀତିକୁ ନେଇ ବିବାଦ କରୁଥିଲେ। ଏଭଳି ପରିସ୍ଥିତିର ଲାଭ ଉଠାଇ ଇଂରେଜ ନିଜର ଶ୍ରେଷ୍ଠତା ସ୍ଥାପନ କରିବା ଆରମ୍ଭ କରିଦେଇଥିଲେ ଏବଂ ଧର୍ମାନ୍ତରଣକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ଏଭଳି ସମୟରେ ଜନ୍ମ ନେଇଥିଲେ ରାମ ମୋହନ ରାୟ। ସେ ସଂସ୍କୃତ, ଅରବି, ଫରାସୀ, ଗ୍ରୀକ୍, ଲାଟିନ୍ ଓ ଇଂରାଜୀ ଆଦି ଭାଷାରେ ପାରଙ୍ଗମ ଥିଲେ ଏବଂ ସବୁ ଭାଷାର ଧର୍ମଗ୍ରନ୍ଥକୁ ଅଧ୍ୟୟନ କରିଥିଲେ। ବାଲ୍ୟବିବାହ, ବହୁ-ବିବାହ ଏବଂ ସତୀଦାହ ଆଦି ପ୍ରଥାକୁ ବିରୋଧ କଲେ ଏବଂ ବ୍ରହ୍ମସମାଜର ସ୍ଥାପନା କରିଥିଲେ। ପ୍ରଗତିଶୀଳ ହିନ୍ଦୁମାନେ ତାଙ୍କୁ ମଧ୍ୟ ସମର୍ଥନ କରିଥିଲେ। ଶହାଆଲମଙ୍କ ପୁତ୍ର ଆକବର ଦ୍ୱିତୀୟ ତାଙ୍କୁ ରାଜା ଉପାଧି ଦେବା ସହ ଲଣ୍ଡନରେ ମୋଗଲ ସମ୍ରାଟଙ୍କ ପ୍ରତିନିଧି ଭାବେ ନିଯୁକ୍ତ ଦେଇଥିଲେ। ରାଜା ରାମମୋହନ ରାୟ ଇଂରେଜୀ ଶିକ୍ଷା ତଥା ସ୍ତ୍ରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ୧୮୩୩ରେ ତାଙ୍କର ଦେହାନ୍ତ ହୋଇଥିଲା କିନ୍ତୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ଅନେକ ପ୍ରଗତିଶୀଳ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ସମ୍ଭାଳିଥିଲେ। ହିନ୍ଦୁ ଇଂରେଜୀ ଶିକ୍ଷାକୁ ଆପଣେଇନେଲେ। ଇଂରେଜଙ୍କୁ ବିରୋଧ ଜାରି ରହିଲା ଓ ୧୮୫୭ରେ ଏହା ଋପ ନେଇଥିଲା। ଇଂରେଜଙ୍କ ବିରୁଦ୍ଧରେ ରାଣୀ ଲକ୍ଷ୍ମୀବାଇ, ନାନାସାହେବ, ତାନ୍ତିଆ ଟୋପି, କୁଅଁର ସିଂହ ଏବଂ ବେଗମ ହଜରତ ମହଲ ବିଦ୍ରୋହ କରିଥିଲେ। କିନ୍ତୁ ପାବ, କାଶ୍ମୀର, ହାଇଦ୍ରାବାଦ, ଟ୍ରାଭାଙ୍କୁର ଏବଂ ମହୀଶୁରର ଶାସକମାନେ ନୀରବ ରହିଥିଲେ ଅଥବା ଇଂରେଜଙ୍କ ସହାୟତା କରିଥିଲେ। ଏହି ଯୁଦ୍ଧରେ କେହି ନିଜକୁ ହିନ୍ଦୁ ବା ମୁସଲମାନ କହିନଥିଲେ ବରଂ ପରିଚୟଥିଲା ସ୍ୱତନ୍ତ୍ରତା ସେନାନୀ। ହିନ୍ଦୁ ବହୁ ସଂଖ୍ୟକ ଥିଲେ ମଧ୍ୟ ଉଭୟ ଧର୍ମର ସୈନିକମାନେ ଅନ୍ତିମ ମୋଗଲ ବାଦଶାହ ବାହାଦୁର ଶାହଜାଫରଙ୍କୁ ସେମାନଙ୍କ ନେତା ବୋଲି ମାନି ନେଇଥିଲେ। ଏହି ବିଦ୍ରୋହ ଯାହାକୁ ସିପାହି ବିଦ୍ରୋହ କୁହାଯାଇଥିଲା ତାହା ବିଫଳ ହୋଇଥିଲା। ଏହାପରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଭାରତର ଶାସନ ଭାର ହାତକୁ ନେଲେ। ହିନ୍ଦୁ ସମାଜକୁ ସୁଧାରିବାର ଉଦ୍ୟମ ଜାରି ରହିଥିଲା କିନ୍ତୁ କଟ୍ଟର ପନ୍ଥୀ ଇସଲାମ ସମାଜରେ ସୁଧାର ସମ୍ଭବ ହୋଇନଥିଲା। ଏହି ସମୟରେ ପଣ୍ଡିତ ଦୟାନନ୍ଦ ସରସ୍ୱତୀଙ୍କର ଆବିର୍ଭାବ ହୋଇଥିଲା। ଦୟାନନ୍ଦଙ୍କ ମତରେ ପୁରାଣ, ଉପନିଷଦ ଏପରିକି ବୌଦ୍ଧ, ଜୈନ, ସିଖ, ଖ୍ରୀଷ୍ଟିଆନ, ଇସଲାମ ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେ ସତ୍ୟାର୍ଥ ପ୍ରକାଶ ନାମକ ଏକ ପୁସ୍ତକ ରଚନା କରିଥିଲେ ଓ ୧୮୭୫ରେ ଆର୍ଯ୍ୟସମାଜର ସ୍ଥାପନା କରିଥିଲେ। ତାଙ୍କ ମତ ଓ କାର୍ଯ୍ୟକୁ ସବୁସ୍ତରରେ ବିରୋଧ କରାଯାଇଥିଲା ଓ ୧୮୮୩ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଏକ ହତ୍ୟାକାଣ୍ଡ ବୋଲି ସେତେବେଳେ ଜଣାପଡିଥିଲା। ୧୮୭୮ରେ ମାଡ୍ରାସ ( ବର୍ତ୍ତମାନ ଚେନ୍ନାଇ)ରୁ 'ଦି ହିନ୍ଦୁ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା ଓ ୧୮୮୯ରେ ଏହା ଦୈନିକ ସମ୍ବାଦ ପତ୍ରରେ ପରିଣତ ହୋଇଥିଲା। ଏହି ପତ୍ରିକା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉଠାଉଥିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୭୭୧ର ସନ୍ୟାସୀ ମାନଙ୍କ ଆନ୍ଦୋଳନର ପୃଷ୍ଠଭୂମୀକୁ ନେଇ 'ଆନନ୍ଦମଠ' ଓ 'ଦେବୀ ଚୌଧୁରାଣୀ' ନାମରେ ଦୁଇଟି ଉପନ୍ୟାସ ରଚନା କରିଥିଲେ। ଦେଶକୁ ଭାରତମାତା ଋପରେ ବନ୍ଦନା କରି 'ବନ୍ଦେମାତରମ୍' ଗୀତ ବ୍ରିଟିଶ ସରକାର ବିରୁଦ୍ଧରେ ଆନ୍ଦୋଳନର ସ୍ଲୋଗାନ ପାଲଟି ଯାଇଥିଲା। ବଙ୍କିମଚନ୍ଦ୍ରଙ୍କ ଶିଷ୍ୟ ଚନ୍ଦ୍ରନାଥ ବସୁ ୧୮୯୨ରେ 'ହିନ୍ଦୁତ୍ୱ- ହିନ୍ଦୁର ପ୍ରକୃତ ଇତିହାସ' ନାମକ ପୁସ୍ତକ ରଚନା କରିଥିଲେ ଏବଂ ପ୍ରଥମଥର ହିନ୍ଦୁତ୍ୱ ଶବ୍ଦର ପ୍ରୟୋଗ କରିଥିଲେ। ପରବର୍ତ୍ତୀ ସମୟରେ ସାବରକର ପ୍ରମୁଖ ଅନେକ ହିନ୍ଦୁତ୍ୱବାଦୀ ନେତା ହିନ୍ଦୁତ୍ୱ ଶବ୍ଦର ବ୍ୟବହାର କରିଥିଲେ। ୧୮୯୩ ସେପ୍ଟେମ୍ବର ୧୧ ତାରିଖ ଚିକାଗୋ ଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ-ସଂସଦରେ ପହଞ୍ଚି ସ୍ୱାମୀ ବିବେକାନନ୍ଦ ଐତିହାସିକ ଭାଷଣ ଦେଇଥିଲେ ଓ ବିଶ୍ୱରେ ହିନ୍ଦୁତ୍ୱର ଜୟଘୋଷ କରିଥିଲେ। ବିବେକାନନ୍ଦ କହିଥିଲେ ତମୁଁ ମୋର ଧର୍ମ ପାଇଁ ଗର୍ବ ଅନୁଭବ କରୁଛି ଏହି ଧର୍ମ ସାରା ବିଶ୍ୱକୁ ସହିଷ୍ଣୁତା ଏବଂ ବିଶ୍ୱବନ୍ଧୁତ୍ୱର ପାଠ ପଢ଼ାଉଛି।



ଗୋପାଳ ମହାପାତ୍ର

ହିନ୍ଦୁତ୍ୱ ଏବଂ ପନ୍ଥନିରପେକ୍ଷତା ଏକାକାର ହୋଇଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ହିନ୍ଦୁଙ୍କ ଆତ୍ମଗୌରବ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରେରଣା ଯୋଗାଇଥିଲା। ଭାରତ ଫେରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ ଏବଂ ଲୋକଙ୍କ ସେବାରେ ଜୁଟିଯାଇଥିଲେ। ଏସବୁ ଘଟଣାର ପ୍ରଭାବ କାରଣରୁ ୧୯୦୨ରେ କ୍ରାନ୍ତିକାରୀ ସଂଗଠନ ଅନୁଶୀଳନ ସମିତିର ଗଠନ ହୋଇଥିଲା ଓ ଅରବିନ୍ଦ ଘୋଷ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସାବରକର ୧୯୦୪ରେ ଅଭିନବ ଭାରତ ନାମକ କ୍ରାନ୍ତିକାରୀ ସଂଗଠନ ସ୍ଥାପନ କରିଥିଲେ ଓ ହିନ୍ଦୁତ୍ୱ ଶବ୍ଦକୁ ଅଧିକ ଲୋକପ୍ରିୟ କରାଇଥିଲେ। ଏନିବସାନ୍ତ ସେଣ୍ଟ୍ରାଲ ହିନ୍ଦୁ ସ୍କୁଲ ସ୍ଥାପନ କରିଥିବା ବେଳେ ମଦନ ମୋହନ ମାଲବ୍ୟ କାଶି ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା କରିଥିଲେ। ଏକଥାକୁ ଦେଖି ସେତେବେଳେ କିଛି ମୁସଲମାନ କଂଗ୍ରସକୁ ହିନ୍ଦୁଙ୍କ ଦଳ ବୋଲି ମଧ୍ୟ କହିଥିଲେ। ୧୯୨୦ରେ ସୈୟଦ ଅହମଦ ଅଲିଗଡ଼ରେ ଥିବା କଲେଜର ନାମ ପରିବର୍ତ୍ତନ କରି ଆଲିଗଡ଼ ମୁସଲିମ ବିଶ୍ୱ ବିଦ୍ୟାଳୟରେ ପରିବର୍ତ୍ତନ କରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନା ଯିଏ ଏକଦା ହିନ୍ଦୁ- ମୁସଲିମ ଏକତାର ସମର୍ଥକ ଥିଲେ ଆଗାଖାଁ ଓ ଅନ୍ୟ କେତେକ ମୁସଲିମ ନେତାଙ୍କ ଅନୁରୋଧ କ୍ରମେ ମୁସଲମାନ ମାନଙ୍କ ନେତୃତ୍ୱ ନେଇଥିଲେ। ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଦୁରତା ବଢିବାରେ ଲାଗିଲା। ଗାନ୍ଧୀ ଯେ ଏକଥା ଜାଣିପାରିନଥିଲେ ତା ନୁହେଁ। ସେଇଥିପାଇଁ ଗାନ୍ଧୀ ଖିଲାପତ ଆନ୍ଦୋଳନକୁ ସମର୍ଥନ କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଉଦେଶ୍ୟ ଥିଲା ଏହି ଆନ୍ଦୋଳନ ମାଧ୍ୟମରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା। କିନ୍ତୁ ଦକ୍ଷିଣ ଭାରତରେ ମୋପଲା-ବିଦ୍ରୋହ ହିନ୍ଦୁ-ମୁସଲିମ ଦୁରତାକୁ ଅଧିକ ବଢାଇ ଦେଇଥିଲା। କାରଣ ଏହି ମୋପାଲା ବିଦ୍ରୋହ ବ୍ରିଟିଶ ଶାସକଙ୍କ ସହିତ ହିନ୍ଦୁ ଜମିଦାରଙ୍କ ବିରୋଧରେ ହୋଇଥିଲା।


କେଶବ ବଳିରାମ ହେଡ଼ଗେୱାର ଯିଏ ଅନୁଶୀଳନ କମିଟିର ସଦସ୍ୟଥିଲେ ସେ ଶସସ୍ତ୍ରକ୍ରାନ୍ତିର କଠିନତାକୁ ଦେଖି କମିଟିରୁ ଇସ୍ତଫା ଦେଇ କଂଗ୍ରେସର ସଦସ୍ୟ ହୋଇଥିଲେ। ୧୯୨୧ରେ ଆପତ୍ତିଜନକ ଭାଷଣ ପାଇଁ ତାଙ୍କୁ ଏକ ବର୍ଷ କାରାଦଣ୍ଡ ମିଳିଥିଲା। ମୋପଲା ବିଦ୍ରୋହ ଓ ଖିଲାପତ ଆନ୍ଦୋଳନର ବିଫଳତା ଯୋଗୁଁ ନିରାଶ ହୋଇ ସେ କଂଗ୍ରେସ ଛାଡି ୧୯୨୫ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ କରିଥିଲେ। ଏହି ସଂଘ ହିନ୍ଦୁତ୍ୱର ବିକାଶ ପାଇଁ ଉଦିଷ୍ଟ ବୋଲି କୁହାଗଲେ ମଧ୍ୟ ସ୍ୱାଧିନତା ଆନ୍ଦୋଳନରୁ ସଂଘ ନିଜକୁ ଦୁରେଇ ରଖିଥିଲା। ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ହିନ୍ଦୁ ମହାସଭାର ସ୍ଥାପନା କରିଥିଲେ କିନ୍ତୁ କଂଗ୍ରେସକୁ ସମର୍ଥନ କରିନଥିଲେ। ୧୯୪୮ ମସିହାରେ ଅତିହିନ୍ଦୁବାଦୀ (ନାଥୁରାମ ଗଡ଼ସେ) ଦ୍ୱାରା ଗାନ୍ଧୀଙ୍କ ହତ୍ୟାରେ ବ୍ୟଥିତ ହୋଇ ଶ୍ୟାମାପ୍ରସାଦ ହିନ୍ଦୁ ମହାସଭାକୁ ଭାଙ୍ଗି ଜନସଂଘ ନାମକ ରାଜନୈତିକ ଦଳର ସ୍ଥାପନା କରିଥିଲେ ଯାହା ଏବେ ଭାରତୀୟ ଜନତା ପାର୍ଟି ଭାବେ ପରିଚିତ। ସ୍ୱାଧିନ ଭାରତର ହିନ୍ଦୁତ୍ୱ ପୁନଃ ପ୍ରାସଙ୍ଗିକ ହୋଇଛି କିନ୍ତୁ ଏହାର ସମର୍ଥନ, ବିରୋଧ ଏବଂ ରୀତି ସମନ୍ୱୟ ପାଇଁ ନହୋଇ ଶାସନଗାଦି ପ୍ରାପ୍ତିର ସାଧନ ପାଲଟି ଯାଇଛି।

*ରାମଚନ୍ଦ୍ରପୁର, ରଣପୁର,*
*ମୋ: ୯୪୩୮୪୮୫୦୯୪*

# କଳିଙ୍ଗର ଶେଷ ସମ୍ରାଟ : "ବିଜୁ ପଟ୍ଟନାୟକ"

ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେତେବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଓଡ଼ିଆଙ୍କ ଅସ୍ମିତା ଏବଂ ଅସ୍ତିତ୍ୱ ଲୋପ ହେବାକୁ ଯାଉଥିଲା ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର ଯେଉଁ ବରପୁତ୍ରମାନେ ହୃତ ଗୌରବ ଫେରାଇ ଆଣିବା ପାଇଁ ପ୍ରତିଶୃତିବଦ୍ଧ ଥିଲେ ଏବଂ ଓଡ଼ିଶାର ସାମାଜିକ, ଅର୍ଥନେତିକ ସ୍ତରରେ ଉନ୍ନତି ଆଣି ଓଡ଼ିଶାକୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ କଳିଙ୍ଗର ଗୌରବ, ଶେଷ ସମ୍ରାଟ ବିଜୁ ପଟ୍ଟନାୟକ ଥିଲେ ଏକମାତ୍ର ଦୂରଦୃଷ୍ଟି ସମ୍ପନ୍ନ, ଜାତୀୟତାବାଦୀ, ଅଦମ୍ୟ ଦୁଃସାହସିକ ପ୍ରଦର୍ଶନ ପୂର୍ବକ ବ୍ୟକ୍ତିତ୍ୱ ରାଷ୍ଟ୍ରୀୟ ଜନନେତା। ଏକାଧାରରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦି ସମ୍ରାଟର ମୁକୁଟ ପିନ୍ଧିଥିବା ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାଭାବର ମୂର୍ତ୍ତିମନ୍ତ ପ୍ରତୀକ, ନିଜର ଦୁଃସହାସିକତା ପ୍ରଦର୍ଶନ କରି ଓଡ଼ିଆମାନଙ୍କ ବୀରତ୍ୱ, ନିର୍ଭୀକତା ଓ ସାହସିକତାର ପରିଚୟ ଦେଇଛନ୍ତି। ବିଶ୍ୱକର୍ମା ସାଜି ଓଡ଼ିଶା ଭଳି ଏକ ପଛୁଆ, ଦରିଦ୍ର, ଅନୁନ୍ନତ ରାଜ୍ୟକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିପାରୁଥିବା ମହାନାୟକମାନଙ୍କ ମଧ୍ୟରେ ମହାପୁରୁଷ ଭୂମିପୁତ୍ର ବିଜୁ ପଟ୍ଟନାୟକ ଥିଲେ ଅନ୍ୟତମ ଅଗ୍ରଗଣ୍ୟ ସାରଥି। ଯଦିଓ ଆଜି ସେ ଆମର ଓଡ଼ିଶା ମାଟିରେ ନାହାନ୍ତି ତଥାପି କିନ୍ତୁ ତାଙ୍କର କୃତିତ୍ୱ ଏବଂ ବୀରତ୍ୱ ଗାଥା କେବଳ ଓଡ଼ିଶା ମାଟିରେ ନୁହେଁ ସମଗ୍ର ଭାରତ ବର୍ଷରେ ପ୍ରତିଧ୍ୱନିତ ହେଉଛି। ତାଙ୍କ ପରି ତ୍ୟାଗୀ, ସାହସୀ, ଦୟାଳୁ, କର୍ମନିଷ୍ଠ, ବୀରପୁରୁଷ ଆଜିର ସମାଜରେ ବିରଳ। ଆମ୍ଭେମାନେ ମଧ୍ୟ ତାଙ୍କ ପାଖରୁ ଏହି ଆଦର୍ଶ ଗ୍ରହଣ କରିଥିଲୁ ସେ ସର୍ବଦା ଆମ୍ଭଙ୍କୁ କହୁଥିଲେ କାହାରି ପଛରେ ଗୋଡ଼ାଅ ନାହିଁ, ଓଡ଼ିଆ ପୁଅର ବୀରତ୍ୱ ବଜାୟ ରଖ। ଆଜି ଯଦି ଏ ଉତ୍କଳ ଭାଷାର ପ୍ରାଣ ପ୍ରାଚୁର୍ଯ୍ୟରେ, ସଂସ୍କୃତିରେ, କଳାରେ, ଶିଳ୍ପରେ, ଖଣିଖାଦନରେ, କୃଷିରେ, ପଶୁପାଳନରେ, ମହିଳା ସଶକ୍ତିକରଣରେ, ରାଜନୀତିରେ ଆଦି ଅର୍ଥନୈତିକ ବିକାଶରେ ସମୃଦ୍ଧ ହୋଇଛି ଏବଂ ଓଡ଼ିଶା ଏକ ସ୍ୱାଭିମାନୀ ରାଷ୍ଟ୍ରଭାବେ ମୁଣ୍ଡଟେକିଛି ତାହା କେବଳ ଭୂମିପୁତ୍ର ବିଜୁ-ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି।

କଟକ ତୁଳସୀପୁରସ୍ଥିତ ଆନନ୍ଦ ଭବନଠାରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ବିଜୁ-ପଟ୍ଟନାୟକଙ୍କ ଜନ୍ମ। ତାଙ୍କର ପିତା ଥିଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଥିଲେ ଆଶାଲତା ଦେବୀ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଟି ଦିନରୁ ବାରି ହୋଇ ପଡୁଥିଲା। ଏହି ବାଳକ ଦିନେ ବିରାଟ ବ୍ୟକ୍ତିତ୍ୱ ସାଜି ମହାନାୟକ ହେବ। ପିଲାଦିନେ ମା'ଙ୍କ ଠାରୁ ସଂଗ୍ରାମୀ ଏବଂ ବୀରତ୍ୱର କାହାଣୀ ତାଙ୍କ ମନରେ ଗଭୀର ରେଖାପାତ ମଧ୍ୟ କରିଥିଲା। ଦେଶପାଇଁ, ମାଟିପାଇଁ, କଳିଙ୍ଗବୀରବାସୀଙ୍କ ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢି ବାରମ୍ବାର ଜେଲ ଯାଇ ଦେଶ ମାତୃକାପାଇଁ ଥିବା ଭଲ ପାଇବାକୁ ହିଁ ପ୍ରତିଭାନ କରୁଥିଲା। ପ୍ରଥମେ ସେ ମିଶନ ସ୍କୁଲ ପରେ ରେଭେନ୍ସା କଲିଜିଏଟ୍ ସ୍କୁଲ ଏବଂ ପରେ ରେଭେନ୍ସା ମହାବିଦ୍ୟାଳୟ ଏବଂ ତା'ପରେ ପାଟନା ବିଶ୍ୱବିଦ୍ୟାଳୟରେ ନିଜର ଶିକ୍ଷାପ୍ରାପ୍ତି ସମାପ୍ତି କରି ବେସାମରିକ ବିମାନ ସେବାରେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ୧୦୩୨ ମସିହାରେ ପ୍ରଥମେ କଟକରୁ ପେଶୱାରକୁ କିଛି ବନ୍ଧୁମାନଙ୍କ ସହ ସାଇକେଲରେ ଯାତ୍ରା କରିଥିଲେ। ବାପାଙ୍କ ପ୍ରେରଣାରେ ବିଜୁ-ପଟ୍ଟନାୟକ ଏହା ପରେ ବିମାନ ଚଳାଇବା ଟ୍ରେନିଂ ମଧ୍ୟ ନେଇଥିଲେ ଏବଂ ଇଣ୍ଡିଆନ ଏୟାରୱେଜର ଜଣେ ଦକ୍ଷ ଯୋଦ୍ଧା ପାଇଲଟ ଭାବେ ଯୋଗ ଦେଇଥିଲେ। ଜାତିର ପିତା ମହାତ୍ମା ଗାନ୍ଧି ଯେତେବେଳେ ସ୍ୱରାଜ ଆଶ୍ରମ ଆସିଥିଲେ, ପୋଲିସର ନାଲିଆଖି ଏବଂ ଲାଠିମାଡ଼ ତାଙ୍କୁ ଅଟକାଇ ପାରିନଥିଲା। ସେ ଲାଠିମାଡ଼ ଖାଇ ମଧ୍ୟ ଦୌଡ଼ିଯାଇ ଗାନ୍ଧୀଙ୍କ ସହିତ କର ମର୍ଦ୍ଦନ କରିଥିଲେ। ଏହି ଜାତୀୟତା ମନୋଭାବ ହିଁ ଭବିଷ୍ୟରେ ତାଙ୍କୁ ଓଡ଼ିଶାରେ ରାଜନିତୀ କ୍ଷେତ୍ରରେ ଯୋଗଦେବାପାଇଁ ଆନ୍ତରିକ ପ୍ରେରଣା ଯୋଗାଇଥିଲା। ୧୯୩୮ରେ ବିଜୁ ପଟ୍ଟନାୟକଙ୍କର ବିବାହ ହୋଇଥିଲା। କାଶ୍ମିରର ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଜ୍ଞାନଦେବୀଙ୍କ ସହିତ। ୧୯୬୦ ମସିହାରେ ବିଜୁ ପଟ୍ଟନାୟକ କଂଗ୍ରେସକୁ ମଜବୁତ କରି ୧୪୦ ସଭ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନରେ ୪୩ଜଣ କଂଗ୍ରେସ ବିଧାୟକଙ୍କୁ ନିର୍ବାଚିତ କରି ଦୃଢ ସରକାର ଗଠନ କରି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ।



ପ୍ରଦୀପ ସେନାପତି

ଯେତେବେଳେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭଳି ଦୂରଦ୍ରଷ୍ଟା, ରାଷ୍ଟ୍ରନିତୀଜ୍ଞ, ବିଦ୍ୱାନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ସେତେବେଳେ ସେ ବିଜୁ ପଟ୍ଟନାୟକଙ୍କ ଦୁଃସାହାସ, ଦୂରଦୃଷ୍ଟି, ସ୍ୱାଭିମାନ ଦେଶପ୍ରୀତିର ଥିଲେ ଜଣେ ଉଚ୍ଚ ପ୍ରଶଂସକ। ୧୯୬୨ ମସିହାରେ ବିଜୁ ପଟ୍ଟନାୟକ ଜାନୁଆରୀ ୩ ତାରିଖରେ ପାରାଦୀପ ବନ୍ଦର ଶୁଭଦେବାପାଇଁ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ସେ ଆମନ୍ତ୍ରଣ କଲେ। ଅନେକ ଘାତ ପ୍ରତିଘାତ ସତ୍ୱେ ସେ ପାରାଦୀପ ବନ୍ଦର, ରାଉରକେଲାରେ ଇସ୍ପାତ କାରଖାନା, ଇଂଞ୍ଜିନିୟରିଂ କଲେଜ, ସମ୍ବଲପୁର ଓ ବ୍ରହ୍ମପୁରରେ ଦୁଇଟି ମେଡ଼ିକାଲ କଲେଜ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସୈନିକ ସ୍କୁଲ, ବିମାନ ଇଞ୍ଜିନ କାରଖାନା, ସିମେଣ୍ଟ କାରଖାନା, ଚାରବାଟିଆ ମିଲିଟାରୀ ବିମାନ ଅବତରଣ କେନ୍ଦ୍ର ନିର୍ମାଣ କରିବାରେ ଖୁବ କମ୍ ସମୟ ମଧ୍ୟରେ ସେ ସକ୍ଷମ ହୋଇଥିଲେ। ୧୯୪୬ରେ ଇଣ୍ଡୋନେସିଆର ରାଷ୍ଟ୍ରପତି କର୍ଣ୍ଣେଲ ହଟ୍ଟା ଓ ପ୍ରଧାନମନ୍ତ୍ରୀ ମହମ୍ମଦ ସାହାରିୟାରଙ୍କୁ ତାଙ୍କ ଡାକୋଟା ବିମାନରେ ଡଚ୍ଚମାନଙ୍କ କବଳରୁ ଦିଲ୍ଲୀ ନେଇ ଆସିଥିଲେ। ଏହି ଦୁଃସାହସିକ କାର୍ଯ୍ୟପାଇଁ ୧୯୫୦ ମସିହାରେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ସେ ଭୂମିପୁତ୍ର ଉପାଧିରେ ସମ୍ମାନୀତ ହୋଇଥିଲେ। ମହାତ୍ମା ଗାନ୍ଧିଙ୍କ କଟକସ୍ଥିତ ସ୍ୱରାଜ ଆଗମନ ସମୟରେ ତତ୍କାଳୀନ ଗୋରା ସାହେବ ଏସ୍.ପି. ହାରଗ୍ରୀବଙ୍କ ଲାଠି ପ୍ରହାରରେ ବିଜୁ ପଟନାୟକଙ୍କ ମୁଣ୍ଡ ଫାଟି ଝରୁଥିବା ରକ୍ତକୁ ସେଦିନ ମହାତ୍ମା ଗାନ୍ଧିଙ୍କ ନିଜ ହାତରେ ପୋଛି ଦେଇଥିଲେ। ଯାହା କେବଳ ସ୍ପର୍ଶ ନଥିଲା, ତାହା ମନ୍ତ୍ର ଥିଲା ବିଜୁ ପଟ୍ଟନାୟକଙ୍କ ପାଇଁ। ପିଲାଦିନୁ ଗାନ୍ଧି, ନେତାଜୀ ଏବଂ ଜୟ ପ୍ରକାଶ ନାରାୟଣଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜକୁ ଉତ୍ତର ଦାୟାଦ ମନେକରି ଦାୟିତ୍ୱ ବଦ୍ଧତାର ପରିକର ଗ୍ରହଣ କରିଥିଲେ। ସେ କଦାପି ଭୁଲିଯାଇ ନଥିଲେ, ମା'ମାଟି ମମତାର ଅନ୍ତର୍ନିହିତ କଥା, ଗାଥା, ବ୍ୟଥାକୁ ବ୍ରିଟିଶ ନିର୍ଯ୍ୟାତନାର ସ୍ମୃତିକୁ। ସେ ବିଶ୍ୱାସ କରିଥିଲେ ଯେ ଜନଗଣମାନଙ୍କର ଅର୍ଥନୈତିକ, ଶିକ୍ଷାନୈତିକ ଓ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ଆସିଲେ ଦେଶର ବିକାଶ ଅବଶ୍ୟମ୍ଭାବୀ। ୧୯୩୦ ମସିହାରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଓଡ଼ିଶାର ପୁରପଲ୍ଲୀରେ ବିଶେଷ କରି ବରୀ ଅଞ୍ଚଳରେ ନାହିଁ ନଥିବା ଦୁର୍ଦ୍ଦଶା ଦେଖା ଯାଇଥିଲା, ସେହି ବନ୍ୟା ଦୁର୍ଭିକ୍ଷ ପ୍ରପିଡ଼ିତ ଅଞ୍ଚଳରେ ଉତ୍କଳମଣୀ ନିଜେ ତାଙ୍କର କିଛି ଛାତ୍ରମାନଙ୍କ ସହ ବନ୍ୟା ଅଞ୍ଚଳକୁ ବାହାରିଲେ। ହଠାତ୍ ଦଲକାଇ ପବନ ଆସି ଦାସେଙ୍କ ହାତରୁ ଛତାଟିକୁ ଉଡ଼ାଇନେଲା। ଠିକ୍ ସେହି ସମୟରେ ଅନ୍ୟ ଛାତ୍ରମାନେ ଜାଣିବା ପୂର୍ବରୁ ବିଜୁ ପଟ୍ଟନାୟକ ପାଣିକୁ ଡ଼େଇଁପଡ଼ି ପ୍ରବଳ ସ୍ରୋତରେ ଭାସିଯାଉଥିବା ଛତା ଆଡକୁ ଛୁଟିଚାଲିଲେ। ଗୋପବନ୍ଧୁ ମଧ୍ୟ ନିର୍ବାକ ଓ ନିଷ୍ପ୍ରଭ ହୋଇ ଚାହିଁ ରହିଥାଆନ୍ତି। କିଶୋର ପିଲାଟିର ପାଣିକୁ ଖାତିର ନଥାଏ। ଛତାଟିକୁ ପାଣିରୁ ଆଣି ଗୋପବନ୍ଧୁଙ୍କ ହାତକୁ ବଢାଇ ଦେଲେ। ପଛରେ ସେହି ପିଲାଟିର ପରିଚୟ ପାଇଲେ ସେ ତାଙ୍କ ବନ୍ଧୁ ଲକ୍ଷ୍ମୀ ନାରାୟଣ ଦେବଙ୍କ ପୁଅ ବିଜୟା ନନ୍ଦ ପଟ୍ଟନାୟକ (ବିଜୁ ପଟ୍ଟନାୟକ)। ଯେତେବେଳେ ଗୋପବଂଧୁ କହି ଉଠିଲେ ସାମାନ୍ୟ ଛତାଟିକୁ ଆଣିବାକୁ ଯାଇ ଆଜି ଯଦି ତୋର ଜୀବନ ଚାଲିଯାଇଥାନ୍ତା ତେବେ ମୁଁ ତୋ ବାପାଙ୍କୁ ମୁହଁ କିପରି ଦେଖାଇପାରିଥାନ୍ତି ? ବିଜୁ ପଟ୍ଟନାୟକ ସେଦିନ ଅତି ବିନମ୍ରତାର ସହ କହିଲେ, ମୁଁ ଯଦି ପାଣିରେ ଏଭଳି ମରିଥାନ୍ତି ମୋ ବାପା ନିଶ୍ଚିତ ଭାବରେ ଗର୍ବ ଅନୁଭବ କରିଥାନ୍ତେ। ଏବଂ ଆପଣଙ୍କ ଛତା ଗୋଟିଏ ମାମୁଲି ଛତା ନୁହେଁ। ଏହା ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ। ଏହି କଥା ପଦକ ଶୁଣି ଗୋପବଂଧୁ ସେଦିନ କାନ୍ଦି ପକାଇଥିଲେ। ଆଉ କହିଥିଲେ, "ତୁ ଏତେ ବକଟେ ପିଲା ତୋ' ମୁଣ୍ଡରେ ପୁଣି ଏ ଓଡ଼ିଆ ଜାତିପାଇଁ ଏତେ ଭାବନା। ତୁ ନିଶ୍ଚିତ ଭବିଷ୍ୟତରେ ଜଣେ ବଡ଼ ମଣିଷ ହେବୁ, ଆଉ ଦେଶ ବିଦେଶରେ ନାଆ ରଖିବୁ। ସେଦିନର ଗୋପବନ୍ଧୁଙ୍କ କଥା ସତ ହେଲା। ବିଜୁ-ପଟ୍ଟନାୟକ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ବିଦେଶରେ ଖୁବ୍ ପରିଚିତ ହେଲେ।

୧୯୯୭ ମସିହା ଏପ୍ରିଲ ମାସ ୧୭ ତାରିଖରେ ୮୧ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କଲେ, ଅମର ହୋଇଗଲେ। ମାତ୍ର ଏକ ସତ୍ୟ ନିଚ୍ଛକ ଅମର କାହାଣୀଟିଏ ହୋଇ ରହିଗଲା। ତାଙ୍କର ମୃତ୍ୟୁ ଥିଲା ଏ ଓଡ଼ିଆ ଜାତିପାଇଁ ଏକ ଅପୁରଣୀୟ ଜାତୀୟ କ୍ଷତି। ପ୍ରକୃତରେ ସେ ହିଁ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ ଏ ମାଟିର ଝଡ଼ର ଇଗଲ ଏବଂ କଳିଙ୍ଗ ବୀର ଶେଷ ସମ୍ରାଟ। ତାଙ୍କ ଭଳି ଦୁର୍ଦ୍ଧର୍ଷ ସଂଗ୍ରାମୀ। ମହାନ ବ୍ୟକ୍ତିତ୍ୱ ଏବେ ମଧ୍ୟ ଓଡ଼ିଶା ଇତିହାସରେ ବିରଳ। ସବୁଠାରୁ ଓଡ଼ିଶାର ସଫଳ ଯୋଜନା ହେଉଛି ଓଡ଼ିଶାର ପ୍ରଗତିର ମୁଖଶାଳା ପାରାଦୀପ ବନ୍ଦର। ଆଜି ବିଜୁ ପଟ୍ଟନାୟକ ନାହାନ୍ତି ସତ ମାତ୍ର ତାଙ୍କ ଶିଳ୍ପ ସମୃଦ୍ଧର ଓଡ଼ିଶା ଆଜି ବିକାଶ ପଥରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଯଦି ତାଙ୍କରି ଆଦର୍ଶରେ ଆଜି ଯୁବଗୋଷ୍ଠୀ, ମହିଳାଗୋଷ୍ଠୀ, ଛାତ୍ରଗୋଷ୍ଠୀ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ, ତେବେ ତାହା ହିଁ ହେବ ବିଜୁ - ପଟ୍ଟନାୟକଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି। ତେଣୁ ଆଜିର ପବିତ୍ର ଜୟନ୍ତୀ ଅବସରରେ ମୁଁ ମୋର ହୃଦୟସ୍ପର୍ଶୀ ଶ୍ରଦ୍ଧା ଓ ଭକ୍ତିପୂତ ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଜୟ ଓଡ଼ିଶା, ଜୟ ଭାରତ, ଜୟ ବିଜୁ ପଟ୍ଟନାୟକ।

*ରାଜ୍ୟ ସଭାପତି,*
*ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ,*
*ପୂର୍ବତନ ରାଜ୍ୟ ଛାତ୍ର ଜନତାଦଳ ସାଧାରଣ ସଂପାଦକ,*
*ଜାତୀୟ ସ୍ତରର ସାମ୍ବାଦିକ ଇଣ୍ଡିଆନ ନିୟୁଜ ସାଇଟ୍,*
*ଆନ୍ତର୍ଜାତୀୟ ସ୍ତରର ସ୍ତମ୍ଭକାର, ପୁରୁଣା, ଭୁବନେଶ୍ୱର-୨,*
*ମୋ :- ୭୮୪୮୮୯୮୪୫୬*




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।



**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)

# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।



**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଦାୟିତ୍ୱପୂର୍ଣ୍ଣ ଗେମିଂ ଓ ଦକ୍ଷତା ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ରମିକଲ୍‌ଚର

ଭୁବନେଶ୍ୱର : ଗେମ୍‌ସକ୍ରାଫ୍ଟର ଏକ ଫ୍ଲାଗସିପ ପ୍ଲାଟ୍‌ଫର୍ମ ଏବଂ ଭାରତର ସବୁଠାରୁ ବିଶ୍ୱସନୀୟ ଓ ସୁରକ୍ଷିତ ଦକ୍ଷତା-ଭିତିକ ଗେମ୍ ରମିକଲ୍‌ଚର ଓଡିଶାରୁ ଉପଭୋକ୍ତା ଯୋଗଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି, ଯାହା ରାଜ୍ୟକୁ ଦୃଢତାର ସହ ଦକ୍ଷତା-ଆଧାରିତ ଗେମିଂ ପାଇଁ ଏକ ରଣନୈତିକ କେନ୍ଦ୍ର ଭାବେ ଅବସ୍ଥାପିତ କରୁଛି। ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପ ବିକଶିତ ହେଉଛି ଏବଂ ଭୁବନେଶ୍ୱର ଭଳି ସହରଗୁଡିକ ଅଭିବୃଦ୍ଧି ଓ ଉଦ୍ଭାବନର ପ୍ରମୁଖ ପରିଚାଳକ ଭାବେ ଉଭା ହେଉଛି। ୨୦୧୭ରେ ସ୍ଥାପିତ ରମିକଲ୍‌ଚର ଅନଲାଇନ ରମି ପାଇଁ ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଓ ବ୍ୟାପକ ରୂପେ ସ୍ୱୀକୃତିପ୍ରାପ୍ତ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଏହି ପ୍ଲାଟଫର୍ମ ଏହାର ଅତ୍ୟାଧୁନିକ ବୈଷୟିକ ଭିତିଭୂମି ପାଇଁ ସୁପରିଚିତ ଅଟେ ଯାହା ସୁରକ୍ଷିତ ଗେମ୍‌ପ୍ଲେ, ନିରପେକ୍ଷ ଅଭ୍ୟାସ ଓ ଖେଳାଳିଙ୍କ ଆବଶ୍ୟକତା ପ୍ରତି ନିରନ୍ତର ଧ୍ୟାନକୁ ସୁନିଶ୍ଚିତ କରୁଛି। ଆରଏନଜି (ରାଣ୍ଡମ ନମ୍ବର ଜେନେରେଶନ), ନୋ-ବଟ ସାର୍ଟିଫିକେଶନ ଓ ଏସଏସଏଲ-ସିକ୍ୟୋର୍ଡ ପେମେଂଟ ମାଧ୍ୟମ ଭଳି ଶିଳ୍ପ ଅଗ୍ରଣୀ ସୁରକ୍ଷା ଫିଚରଗୁଡିକ ସହିତ ରମିକଲ୍‌ଚରକୁ ୟୁନୋମର ଓ ସାଇବରମିଡିଆ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଭାରତର ଏକ ନମ୍ବର ରମି ଆପ୍ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ରମିକଲ୍‌ଚର ଏକ ସୁରକ୍ଷିତ ଓ ବିଶ୍ୱସନୀୟ ଗେମିଂ ପରିବେଶ ପ୍ରଦାନ କରିବା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏହା ଟାଇମ-ଆଉଟ, ଗେମ୍ ଭାଲ୍ୟୁ ଲିମିଟ ଓ ମାନସିକ ସହଯୋଗକୁ ସୁଗମ କରି ଦାୟିତ୍ୱପୂର୍ଣ୍ଣ ଗେମିଂକୁ ପ୍ରାଥମିକତା ଦେଉଛି। ଓଡିଶାର ଗେମିଂ କ୍ଷେତ୍ର ଏକ ପ୍ରଭାବଶାଳୀ ହାରରେ ବିସ୍ତାର ହେଉଛି। ୨୦୨୩ ଓ ୨୦୨୪ ମଧ୍ୟରେ ବାର୍ଷିକ ଆଧାରରେ ଉପଭୋକ୍ତା ପୀକରଣ ୧୮% ବୃଦ୍ଧି ପାଇଥିବା ବେଳେ ପରବର୍ତୀ ବର୍ଷ ଏପ୍ରିଲ ୨୦୨୪ ଓ ଏପ୍ରିଲ ୨୦୨୫ ମଧ୍ୟରେ ୧୦୦%ରୁ ଅଧିକର ବୃଦ୍ଧି ଦେଖିବାକୁ ମିଳିଛି। ଓଡିଶାରେ ରମିକଲ୍‌ଚରର ଉପଭୋକ୍ତା ପୀକରଣରେ ବାର୍ଷିକ ଆଧାରରେ ୧୦୦% ବୃଦ୍ଧି ଘଟିଛି । ଭୁବନେଶ୍ୱରରେ ୨୫.୮%ର ବିଜୟ ହାର, ଯାହା ୨୭.୭%ର ରାଜ୍ୟବ୍ୟାପୀ ହାରର ନିକଟତର ରହିଛି। ସେହିଭଳି ୭୮% ଉପଭୋକ୍ତାଙ୍କ ବୟସ ୧୮ରୁ ୪୨ ବର୍ଷ ବୟସ ମଧ୍ୟରେ ରହିଥିବାବେଳେ ୧୬% ଉପଭୋକ୍ତାଙ୍କ ବୟସ ୪୮ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଏସମ୍ପର୍କରେ ଗେମ୍‌ସକ୍ରାଫ୍ଟରେ ଷ୍ଟ୍ରାଟେଜିକ ଇନିସିଏଟିଭ ବିଭାଗର ମୁଖ୍ୟ ସୁମନ୍ତ ସେନଗୁପ୍ତା କହିଛନ୍ତି, ନ୍ତଉଭୟ ଉପଭୋକ୍ତା ଆଧାର ଏବଂ ଏହି ଅଂଚଳରୁ ଆମେ ଦେଖୁଥିବା ଯୋଗଦାନର ଗୁଣବତା ଦୃଷ୍ଟିରୁ ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ। ତଥ୍ୟ ଦର୍ଶାଉଛି ଯେ, ଏଠାକାର ଖେଳାଳିମାନେ ଗେମ୍‌କୁ ଗମ୍ଭୀରତା, ରଣନୀତି ଓ ଦକ୍ଷତା ସହ ଖେଳିବାକୁ ପସନ୍ଦ କରିଥାନ୍ତି। ଏହା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ, ଯେତେବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ଲାଟଫର୍ମ ଦିଆଯାଏ, ସେତେବେଳେ ଉପଭୋକ୍ତାମାନେ ସୂଚିତ, ଦାୟିତ୍ୱପୂର୍ଣ୍ଣ ଗେମ୍‌ପ୍ଲେ ସହ ପ୍ରତିକ୍ରିୟା ଦେଇଥାନ୍ତି।

# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ। ୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଯଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ପ୍ରଥମ ଶହୀଦ-୫ମ ଶିଖ୍‌ଗୁରୁ ଶ୍ରୀ ଅର୍ଜୁନ ଦେବ ଜୀ...



ଭୁବନେଶ୍ୱର,(ପି.ଏନ): ଭାରତର ପାବ ରାଜ୍ୟ ଅନ୍ତର୍ଗତ ଗୋଇନ୍ଦୱାଲ ସହରଠାରେ ୧୫୬୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ, ୩୦-୦୫-୧୯୦୬ ଦିନ ଲାହୋର ଠାରେ ମୋଗଲ ଶାସନ ସମୟରେ (ବର୍ତ୍ତମାନ ପାକିସ୍ତାନ ଠାରେ ଅବସ୍ଥିତ) ଶିଖ୍ ଧର୍ମର ୫ମ ଗୁରୁ ଶ୍ରୀ ଅର୍ଜୁନ ଦେବ ଜୀ ଧର୍ମ ରକ୍ଷା ସକାଶେ ସ୍ୱୟଂ ଶହୀଦ ପ୍ରାପ୍ତ କରିଥିଲେ। ୧୬୦୬ ଜ୍ୟୋଷ୍ଠମାସର ପ୍ରଚଣ୍ଡ ରୌଦ୍ରତାପରେ ନିର୍ମମ ଭାବେ ଅତ୍ୟାଚାର ତଥା ବନ୍ଦୀ କରାଯାଇଥିଲେ। ନିଜର ମୌଳିକ ଅଧିକାରର ପରିବର୍ତ୍ତନ ସକାଶେ ସାହାସିକତା ସହ ସକରାତ୍ମକ ଭାବେ ବିରୋଧ କରିବା ପାଇଁ ସମସ୍ତ ଶିଖ୍ ସନ୍ଥ ସିପାହୀଙ୍କୁ ଶହୀଦ ଗୁରୁ ଶ୍ରୀ ଅର୍ଜୁନ ଦେବ ଜୀ ପ୍ରେରଣା ଦେଇଥିଲେ...

ପ୍ରଥମ ଦିନର ଅତ୍ୟାଚାର- ଗୁରୁ ଅର୍ଜୁନ ଦେବୀଙ୍କୁ ଖାଦ୍ୟ ପାନୀୟ ଦିଆଯାଇ ନଥିଲା। ରାତିରେ ଶୋଇବା ପାଇଁ ଅନୁମତି ଦିଆଯାଇନଥିଲା। ତାହାକୁ ଶାନ୍ତ ଭାବେ ସ୍ୱୀକାର କରି ପ୍ରଭୁଙ୍କ ନାମ ସୁମରିଣ ସହ ଲିପ୍ତ ରହି ନ୍ତୱାହେଗୁରୁ, ୱାହେଗୁରୁନ୍ତ ତଥା ଗୁରୁବାଣୀ ଶବ୍ଦ ଗାୟନ କରିଚାଲିଥିଲେ।

ଦ୍ୱିତୀୟ ଦିନର ଅତ୍ୟାଚାର- ତା'ପର ଦିନ ଜହାଙ୍ଗିର ଆଦେଶ ଅନୁସାରେ, ଗୋଟିଏ ବଡ଼ ତମ୍ବା ହଣ୍ଡାରେ ପାଣି ରଖି ତାହା ଫୁଟିଲା ବେଳେ, ତା'ଭିତରେ ଗୁରୁଜୀଙ୍କୁ ବସାଇ ଦିଆଗଲା ତ ପାଣି ଫୁଟି ଚାଲିଲା, ସିଝା ଆଳୁରୁ ଚୋପା ଛାଡ଼ିଲା ଭଳି ଗୁରୁଜୀଙ୍କ ଶରୀରରୁ ଚମଡ଼ା ଖଣ୍ଡ ଖଣ୍ଡ ହୋଇ ବାହାରିଲା। କିନ୍ତୁ ଗୁରୁଜୀ ଶାନ୍ତ ସ୍ଥିର ହୋଇ ବସି ରହିଲେ, ସେ ବ୍ୟଥା ଅନୁଭବ କରୁନଥିଲେ, ଆଖିରୁ ଟୋପାଏ ଲୁହ ଖସି ନଥିଲା କିମ୍ବା ଓଃ ଶବ୍ଦ ମଧ୍ୟ ବାହାରି ନଥିଲା। ସେ କ୍ରୋଧିତ କିମ୍ବା ବ୍ୟଥିତ ହୋଇନଥିଲେ। ଯେମିତି ମନେ ହେଉଥିଲା ତାଙ୍କୁ କିଛି କଷ୍ଟ ହେଉନାହିଁ। ସେ କେବଳ ପରମାତ୍ମାଙ୍କ ନାମ ସ୍ମରଣ କରିଚାଲିଥିଲେ। ୱାହେଗୁରୁ... ୱାହେଗୁରୁ...। ହେ ପରମାତ୍ମା! ଯାହା କିଛି ହେଉଛି ତୁମ ଇଚ୍ଛା ଯୋଗୁଁ ହେଉଛି। ଗୁରୁଜୀଙ୍କ ଶରୀର ସିଝିଯାଇ ନରମ ହୋଇଯାଇଥିଲା।

ତୃତୀୟ ଦିନର ଅତ୍ୟାଚାର- ଜହାଙ୍ଗୀରର ଆଦେଶ ଅନୁସାରେ, ଗୋଟିଏ ବଡ଼ ଲୁହା ପାତ୍ରରେ ଲାଲ୍ କରି ବାଲି ଉଜା ଚାଲିଲା। ଗୁରୁଜୀଙ୍କୁ ଚୁଲୀରେ ଗୋଟିଏ ବଡ଼ ଲୁହା ତାୱା ରଖାଗଲା ଓ ପୁରାଗରମ ହେବା ପରେ ଗୁରୁଜୀଙ୍କୁ ସେହି ଗରମ ତାୱା ଉପରେ ବସାଇ ଚୂଲିରେ ପୁରା ଜାଲ ଦେଇ ପୁରା ଗରମ କରିଚାଲିଲେ ଓ ତାଙ୍କ ଦେହରେ ଲାଲ୍ ହୋଇ ଉଜା ଚାଲିଥିଲା। ଲାଲ୍ ଲାଲ୍ ଗରମ ବାଲି ତାଙ୍କ ଶରୀର ଉପରେ ନିୟୋଜିତ କର୍ମଚାରୀମାନେ ଢ଼ାଳି ଚାଲିଲେ। ଜ୍ୟେଷ୍ଠ ମାସର ଦାଉ ଦାଉ ଖରା ଦ୍ୱିପହର ବେଳେ ସେମାନେ ଝାଳ ବୋହିବା ଯୋଗଁ ଛଟପଟ ହେଉଥିଲେ କିନ୍ତୁ ...

ଗୁରୁ ଅର୍ଜୁନ ଦେବ ଜୀ ଶାନ୍ତ, ସ୍ଥିର ହୋଇ କୌଣସି କଷ୍ଟ ଅନୁଭବ କରୁନଥିଲେ। ନା କାନ୍ଦୁଥିଲେ ନା କ୍ରୋଧିତ ହେଉଥିଲେ, କେବଳ ୱାହେଗୁରୁ... ସୁମରଣା କରୁଥିଲେ। ନ୍ତତେରା କିଆ ମିଠା ଲାଗେ (ଅର୍ଥ) ହେ ୱାହେଗୁରୁ! ତୁମେ ଯାହା କରୁଛ ତାହା ବହୁତ ଆନନ୍ଦଦାୟକ ଓ ମଧୁର ଅଟେ। ହରିନାମ ପଦାରଥ ନାନକ ମାଗୈ- (ଅର୍ଥ) ନାନକ ଏହି ଭିକ୍ଷା ମାଗୁଛି, ନାମ ଭଣ୍ଡାରରୁ ପ୍ରଭୁଙ୍କ ନାମ ମାଗୁଛି।ନ୍ତ ଜଣେ ମୁସଲମାନ ମିତ୍ର ସନ୍ଥ ମିଆଁ ମୀର କହିଲେ ହେ ଗୁରୁଦେବ! ଏହି ଅତ୍ୟାଚାର ମୋ ଦ୍ୱାରା ସହ୍ୟ ହେଉନାହିଁ, ଯଦି ମୋତେ ଆଦେଶ ଦେବ ମୁଁ ଏହି ଅତ୍ୟାଚାରୀର ଶାସନକୁ ମୋ ଶକ୍ତି ଦ୍ୱାରା ଧ୍ୱଂସ ବିଧ୍ୱଂସ କରିଦେବି। ଗୁରୁଦେବ ମୁରୁକି ହସି କହିଲେ ନ୍ତୱାହେଗୁରୁ ପରମାତ୍ମାଙ୍କ ଇଚ୍ଛାନୁସାରେ ଏହା ହେଉଛି। ଯିଏ ସତ୍ୟ ସହିତ ଯୋଡ଼ି ହୋଇରୁହେ, ସେମାନେ କଠିନତା ଓ କଷ୍ଟ ସହ୍ୟ କରିବେ। ଏହି କଷ୍ଟ ସତ୍ୟ ପଥରେ ଦୃଢ଼ ହୋଇ ରହିବା ପାଇଁ ପ୍ରୋତ୍ସାହିତ କରେ। ଯାଅ, ଭାଇ ମୋ ପାଇଁ ପ୍ରାର୍ଥନା କର ମୋର ଉଦ୍ଦେଶ୍ୟ ସଫଳ ସକାଶେ, ସତ୍ୟର ବିଜୟ ପାଇଁ ପ୍ରାର୍ଥନା କର।ନ୍ତ

ମୀର ମିଆଁ ପଚାରିଲେ, ନ୍ତଏହି ପାପୀମାନଙ୍କ ହାତରୁ ଏମିତି ଅତ୍ୟନ୍ତ କଷ୍ଟ ସହ୍ୟ କରୁଛ, ମୁଁ କେବେ ମୋର ଅତ୍ୟନ୍ତ ପ୍ରଭାବଶାଳୀ ଶକ୍ତି ଅନ୍ୟାୟ ବିରୁଦ୍ଧରେ ପ୍ରୟୋଗ କରିବି?ନ୍ତ ଗୁରୁଜୀ ଉତ୍ତର ଦେଲେ ନ୍ତମୁଁ ଗୁରୁ ଭାବେ ଅତ୍ୟନ୍ତ କଷ୍ଟ ସହ୍ୟ କରି ଶିଖ୍‌ମାନଙ୍କ ପାଇଁ ସତ୍ୟର ବିଜୟ ସକାଶେ ଉଦାହରଣ ଦେବାକୁ ଚାହୁଁଛି ଓ ଏହାକୁ ସ୍ୱୀକାର କରୁଛି। ମୁଁ ପରମାତ୍ମାଙ୍କ ଇଚ୍ଛା ବିରୁଦ୍ଧରେ ଧୈର୍ଯ୍ୟ ହରାଇବି ନାହିଁ।ନ୍ତ ସତ୍ୟର ପରୀକ୍ଷା ସହ କିଛିକ୍ଷଣର ନିର୍ମମ କଷ୍ଟ ପାଇଁ ମୁଁ ଆସ୍ଥା ହରାଇବି ନାହିଁ। ସାଧାରଣ ମନୁଷ୍ୟମାନଙ୍କ ମନରେ ଏହି ଭୟାବହ ନିର୍ମମ ଅତ୍ୟାଚାର ସହନ କରିବା ପାଇଁ ଉଦାହରଣ ବିନା ସେମାନଙ୍କୁ ପଥଭ୍ରଷ୍ଟ ହେବା ପାଇଁ ଦେବି ନାହିଁ। ଏହା ଶୁଣି ମିଆଁ ମୀର ସେଠାରୁ ଯାଇ ଗୁରୁଜୀଙ୍କ ପାଇଁ ଯନ୍ତ୍ରଣାକୁ ଧୈର୍ଯ୍ୟର ସହିତ ସହନକରିବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ।

ଚତୁର୍ଥ ଦିନର ଅତ୍ୟାଚାର- ଜାହାଙ୍ଗିରର ହୁକୁମ ଅନୁସାରେ ଗୋଟିଏ ଲୁହା ହଣ୍ଡାରେ ଫୁଟିଲା ଗରମ ପାଣିରେ ବସାଇ ଭାଜି ହେଉଥିବା ଲାଲ୍ ଲାଲ୍ ବାଲି ଗରୁଜୀଙ୍କ ମୁଣ୍ଡରେ ଢ଼ଳା ଯାଉଥିଲା। ଗୁରୁଜୀ ଜ୍ୟୋଷ୍ଠମାସର ଦ୍ୱିପହର ପ୍ରଚଣ୍ଡ ରୌଦ୍ରତାପ, ସହନ କରିଚାଲିଲେ ତଥା, ଶାନ୍ତ ଓ ଧୈର୍ଯ୍ୟ ସହିତ କଷ୍ଟ ସହନ କରି, ସ୍ଥିର ହୋଇ ୱାହେଗୁରୁ.... ୱାହେଗୁରୁ ସ୍ମରଣ କରି ଚାଲିଲେ।

ପଞ୍ଚମ ଦିନର ଅତ୍ୟାଚାର- ଜାହାଙ୍ଗିର ଗୁରୁଜୀଙ୍କୁ ଶ୍ୱାସରୁଦ୍ଧ କରିବା ପାଇଁ ଯୋଜନା କଲା; ଗରୁଜୀ ରାବୀ ନଦୀ(ଲାହୌର)ରେ ସ୍ନାନ କରିବା ପାଇଁ ପଚାରିଲେ। ଜାହାଙ୍ଗିରର ସିପାହୀମାନେ ଗୁରୁଜୀଙ୍କୁ ସେଠାକୁ ନେଲେ, ସେତେବେଳେ ଗୁରୁଜୀ ସିଝି ଯାଇଥିଲେ ଓ ଯନ୍ତ୍ରଣା ସହିତ ନଦୀର ଶିତଳ ଜଳରେ ସ୍ନାନ କରିବା ପାଇଁ ଅନୁମତି ପାଇଲେ। ଗୁରୁଜୀଙ୍କ ଶିଷ୍ୟ ଓ ସିପାହୀମାନେ ଦେଖୁଥିଲେ ତାଙ୍କ ନିକଟରେ କୌଣସି ପ୍ରତିକ୍ରିୟା ନଥିଲା। ସେ କହିଲେ ନ୍ତମୋର ମାଲିକ(ପରମାତ୍ମା)ଙ୍କ ଇଚ୍ଛାକୁ ମୁଁ ସ୍ୱୀକାର କରୁଛି।ନ୍ତ ସେ ଶାନ୍ତ ଭାବେ ଛିଡ଼ା ହୋଇ ବ୍ୟଥାର ପ୍ରତିବାଦ କରିନଥିଲେ।

ହଜାର ହଜାର ଦର୍ଶକ ଏହି ଦୃଶ୍ୟ ଦେଖୁଥାନ୍ତି। ଗରୁଜୀ ପାଣି ଭିତରେ ଛିଡ଼ା ହେଲେ ଓ ଗଭୀର ସ୍ନାନ କରୁଥିବାବେଳେ ଏକ ଦିବ୍ୟ ଆଲୋକ ତାଙ୍କ ଶରୀରରେ ପ୍ରବେଶ ହେଲା ଓ ଶରୀର ଅଦୃଶ୍ୟ ହୋଇଗଲା। ଭକ୍ତମାନେ କାନ୍ଦି ଉଠିଲେ ଓ କହିଲେ ହେ ଆଶ୍ଚମୟ ଗୁରୁଜୀ ତୁମେ ଧନ୍ୟ ଅଟ। ଏହିପରି ଭାବେ ଶ୍ରୀଗୁରୁ ଅର୍ଜୁନ ଦେବଜୀ ଶହୀଦ ପ୍ରାପ୍ତ କରିଥିଲେ। ଗୁରୁ ଅର୍ଜୁନ ଦେବଜୀ ଶହୀଦ ହେବାପାଇଁ ମି (ବିହନ) ପୋତିଦେଲେ। ଶିଖ୍ ଇତିହାସରେ ପ୍ରଥମ ଶହୀଦ ଗୁରୁ ହେଲେ। ଏହି ମାସରେ ଶିଖ୍‌ମାନେ ଶ୍ରୀଗୁରୁ ଅର୍ଜୁନଦେବଜୀଙ୍କ ଶହୀଦ ଦିବସକୁ ଶୋକ ଦିବସ ଭାବେ ପାଳନ କରନ୍ତି। କିନ୍ତୁ ଶିଖମାନେ କୌଣସି ବିରୁଦ୍ଧାଚରଣ ନକରି ସମ୍ମାନର ସହ ପାଳନ କରନ୍ତି। ପ୍ରେମ, ଉତ୍ସର୍ଗ, କଠିନ ପରିଶ୍ରମ, ଏକ ଈଶ୍ୱରଙ୍କୁ ମାନିବା, ଶାନ୍ତି ଓ ଭାଇଚାରାର ସଦ୍‌ଭାବନା ସହ ପୁରା ବିଶ୍ୱବାସୀଙ୍କ ସେବା ନିମନ୍ତେ ସବୁ ଶିଖ୍‌ମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି। ସେହି ଦିନ ଶିଖ୍‌ମାନେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ନିସୁଳ୍କ ଭାବରେ ଲଙ୍ଗର ଏବଂ ଶିତଳ ପାନୀୟ (କ୍ଷୀର, ଗୋଲାପ ରସ, ଚିନି ଓ ପାଣିର ସର୍ବତକୁ ନ୍ତଛବିଲନ୍ତ ବୋଲି କୁହାଯାଏ) ବଣ୍ଟନର ବ୍ୟବସ୍ଥା କରନ୍ତି। ଚଳିତ ବର୍ଷ ପୁରା ବିଶ୍ୱରେ ଜୁନ୍ ୩୦ ୨୦୨୫ ଦିନ ଶ୍ରୀ ଗୁରୁ ଅର୍ଜୁନ ଦେବ ଜୀ ଶହୀଦ ଦିବସ ପାଳନ କରାଯାଉଛି।





